## ୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ: ୭ ଗିରଫ

**ପୁରୀ ଅଫିସ:** ବ୍ରାଉନସୁଗାର କାରବାର ରୋକିବା ପାଇଁ ପୁରୀ ପୋଲିସ ସ୍ପେଶାଲ ଡ୍ରାଇଭ୍ ଜାରି ରଖିଛି। ଗୁରୁବାର ଟାଉନ୍ ଥାନା ପୋଲିସ ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିରଞ୍ଚି ମହାପାତ୍ର, ସଂଗ୍ରାମ କେଶରୀ ଦାସ, ହୃଷୀକେଶ ଭୋଇ, ରାକେଶ ସାହୁ, ବାପି ମୁଦୁଲି, ବିକାଶ ମହାନ୍ତି ଓ କାର୍ତ୍ତିକ ପ୍ରଧାନ। ଏମାନଙ୍କ ମଧ୍ୟରେ ୨ଜଣ ସପ୍ଲାୟର ରହିଛନ୍ତି। ଅଭିଯୁକ୍ତଙ୍କଠାରୁ ୨୦ ଗ୍ରାମ୍‌ର ବ୍ରାଉନସୁଗାର, ୪ ହଜାର ଟଙ୍କା, ୨ଟି ବାଇକ୍ ଓ ୨ଟି ମୋବାଇଲ ଫୋନ୍ ଜବତ କରିଛି। ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ। ପୋଲିସ ମାମଲା (ନଂ.୮୫/୨୧) ରୁଜୁ କରିଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ମୋକ୍ଷ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ଉତ୍ସବ, ବୁଦ୍ଧମନ୍ଦିର, ୟୁନିଟ-୯, ଅପରାହ୍ନ ୫ଟା ୩୦।
- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନୀ ଶତବାର୍ଷିକ ପାଳନ, ସୂଚନା ଭବନ, ଅପରାହ୍ନ ୫ଟା ୪୫।
- ଆୟୁର୍ବେଦ ପର୍ବ, ଡ.ରବୀନ୍ଦ୍ର ଚନ୍ଦ୍ର ହୋମିଓପାଥି ମେଡିକାଲ କଲେଜ ଚିକିତ୍ସାଳୟ ପରିସର, ସନ୍ଧ୍ୟା ୬ଟା।
- ଓଡ଼ିଶା ଭାଷା ପ୍ରତିଷ୍ଠାନ ପକ୍ଷରୁ ପୁସ୍ତକ ଚର୍ଚ୍ଚା, ରାଜ୍ୟ ସଂଗ୍ରହାଳୟ ଉଦ୍ୟାନ ପରିସର, ସନ୍ଧ୍ୟା ୬ଟା।
- ଆରୋହଣ ଅନୁଷ୍ଠାନ ପକ୍ଷରୁ ୨୯ତମ ନିଖିଳ ଉତ୍କଳ ନାଟ୍ୟ ଉତ୍ସବର ଉଦ୍‌ଯାପନୀ ସଭା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଆତ୍ମା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପୁସ୍ତକ ଉନ୍ମୋଚନ ସମାରୋହ, ଆତ୍ମା ହଲ୍, ଶୈଳଶ୍ରୀ ବିହାରସ୍ଥିତ ଭିଆଇଏମ୍-୧୧୧, ସନ୍ଧ୍ୟା ୭ଟା।

**ବାଲିଅନ୍ତା**
- ମା ଜାଗେଶ୍ୱରୀ ଠାକୁରାଣୀଙ୍କ ୫୬ତମ ଅଷ୍ଟପ୍ରହର ନାମଯଜ୍ଞର ଅଧିବାସ ଓ ଘଟସ୍ଥାପନ, ଗଡ଼ଭିଙ୍ଗାରପୁର, ସକାଳ ୯ଟା।
- ୪ର୍ଥ ବାର୍ଷିକ ଯଜ୍ଞ ଉତ୍ସବର ପୂର୍ଣ୍ଣାହୁତି, ନଖରାସ୍ଥିତ ମା' ଭଦିଆଙ୍କ ପୀଠ, ଅପରାହ୍ନ ୪ଟା।

**କଟକ ସଦର**
- ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେ ଆନୁକୂଲ୍ୟରେ ଆତ୍ମଜ୍ଞାନ ସାଧନ ଶିବିର, ଟ୍ରିନିଟି ମଣ୍ଡପ, ତେଲେଙ୍ଗାପେଣ୍ଠ, ସନ୍ଧ୍ୟା ୬ଟା।

**ପୁରୀ**
- ଗାନ୍ଧିଜୀଙ୍କ ପୁରୀ ଆଗମନୀ ଶତବାର୍ଷିକୀ ଅବସରରେ ପଦଯାତ୍ରା, ସଭା, ଆଲୋଚନାଚକ୍ର, ପୁରୀ ରେଳ ଷ୍ଟେଶନଠାରୁ ଗାନ୍ଧୀଘାଟ, ସକାଳ ୭ଟାରୁ ଆରମ୍ଭ। ଗାନ୍ଧୀ ଚର୍ଚ୍ଚା, କବିତା ପାଠ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ଅପରାହ୍ନ ୩ଟା ୩୦।
- ସାହିଭାଇ ପକ୍ଷରୁ ଶ୍ୱେତଗଙ୍ଗା ଆଳତି, ଶ୍ୱେତଗଙ୍ଗା ପୁଷ୍କରିଣୀ ପରିସର, ଅପରାହ୍ନ ୫ଟା।

**ସାକ୍ଷୀଗୋପାଳ**
- ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ ୧୦୦ ବର୍ଷ ପୂର୍ତ୍ତି ସମାରୋହ ଓ ସ୍ମୃତିସଭା, ସାକ୍ଷୀଗୋପାଳ ମନ୍ଦିର, ଅପରାହ୍ନ ୩ଟା ୩୦।

# ସୁପର ମାର୍କେଟ, ୨ କୋଚିଂ ସେଣ୍ଟର ସିଲ୍



କଟକ ରାଣୀହାଟସ୍ଥିତ ସୁପର ମାର୍କେଟ୍‌କୁ ସିଲ୍ କରାଯାଉଛି।

## କୋଭିଡ୍ ନିୟମ ଉଲ୍ଲଂଘନ

**କଟକ ଅଫିସ, ୨୫।୩**

କଟକ ସହରରେ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଗୁରୁବାର ସିଏମ୍‌ସି ପକ୍ଷରୁ ଏକ ଶପିଂ କମ୍ପ୍ଲେକ୍ସ ଓ ୨ଟି କୋଚିଂ ସେଣ୍ଟର ସିଲ୍ କରାଯାଇଛି। କଟକ ମହାନଗର ନିଗମ (ସିଏମ୍‌ସି) ଡେପୁଟି କମିଶନର ଅବିନାଶ ରାଉତଙ୍କ ନେତୃତ୍ୱରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ସହରର ବିଭିନ୍ନ ସ୍ଥାନ ବୁଲି ନିୟମ ଉଲ୍ଲଂଘନକାରଙ୍କଠାରୁ ୨୧,୫୦୦ ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ରାଣୀହାଟସ୍ଥିତ ହିନ୍ଦ୍ ସୁପର ମାର୍କେଟ, ଚଣ୍ଡୀ ଛକ ନିକଟ ଚାଣକ୍ୟ କୋଚିଂ ସେଣ୍ଟର ଏବଂ ଏକାଡେମିକ୍ସ କୋଚିଂ ସେଣ୍ଟରକୁ ୭ଦିନ ପାଇଁ ସିଲ କରିଦିଆଯାଇଛି। ସୂଚନାଯୋଗ୍ୟ, ଗତ କିଛିଦିନ ହେଲା ଡିସିପି ପ୍ରତୀକ୍ ସିଂ ଏକ ଟିମ୍ ଗଠନ କରି ବଜାରରେ ବୁଲି ଲୋକଙ୍କୁ କରୋନା ସମ୍ବନ୍ଧରେ ସଚେତନ କରାଇବା ସହ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା ପାଇଁ ବୁଝାଉଥିବା ଦେଖିବାକୁ ମିଳିଛି। ବୁଧବାର ଏସ୍‌ସିବି ଚକ୍ଷୁ ବିଭାଗରେ ୭୫ ଶଯ୍ୟା ବିଶିଷ୍ଟ କରୋନା ୱାର୍ଡ ମଧ୍ୟ ଖୋଲାଯାଇଛି।

## ଭୁବନେଶ୍ୱର: ଦିନକରେ ୧୦୫୦ ଟେଷ୍ଟିଂ

**ଭୁବନେଶ୍ୱର, ୨୫।୩ (ବ୍ୟୁରୋ):** ରାଜଧାନୀରେ ସଂକ୍ରମଣ ବଢ଼ିବା ପରେ ଟେଷ୍ଟିଂ ଉପରେ ଗୁରୁତ୍ୱ ଦିଆଯାଉଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗୁରୁବାର ୧୦୫୦ ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟର ଜଣେ ଛାତ୍ର କରୋନା ପଜିଟିଭ ଚିହ୍ନଟ ହେବାପରେ ଏଠାରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ତଥା ବିଦ୍ୟାଳୟ କର୍ମଚାରୀଙ୍କ ଟେଷ୍ଟିଂ କରାଯାଇଛି। ଏଥିସହ ସିଆର୍‌ପିଏଫ୍, ଓଡ଼ିଏମ୍ ପବ୍ଲିକ ସ୍କୁଲ, ଏଲେନ୍ ଇନ୍‌ଷ୍ଟିଚ୍ୟୁଟ୍, ରେଳ ଷ୍ଟେଶନ, ବିମାନବନ୍ଦରରେ ମଧ୍ୟ ଟେଷ୍ଟିଂ କରାଯାଇଥିଲା। ବିଏମ୍‌ସି ପକ୍ଷରୁ ରେଳଷ୍ଟେଶନ ଓ ବିମାନବନ୍ଦରରେ ସମସ୍ତ ଯାତ୍ରୀଙ୍କ ସ୍କ୍ରିନିଂ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରାଯାଇଛି। ଲକ୍ଷଣ ଦେଖାଦେଲେ ସେମାନଙ୍କର ଟେଷ୍ଟିଂ କରାଯାଉଛି।

## ୩୧ରୁ ଶ୍ରୀକ୍ଷେତ୍ରରେ ଜାତୀୟ ଭାଷା ସମ୍ମିଳନୀ



**ପୁରୀ ଅଫିସ, ୨୫।୩:** ସ୍ଥାନୀୟ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆସନ୍ତା ୩୧ତାରିଖରୁ ସପ୍ତମ ଜାତୀୟ ଭାଷା ସମ୍ମିଳନୀ ଆରମ୍ଭ ହେବ। ଏ ନେଇ ଗୁରୁବାର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ବିଭିନ୍ନ ଭାଷାଭିତ୍ତିକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ କ୍ଲାସିକାଲ୍ ସଂସ୍ଥା, ରାଜ୍ୟର ଭାଷା ଓ ସାହିତ୍ୟ ଅନୁରାଗୀ, ଗବେଷକ ଓ ବିଶେଷଜ୍ଞମାନେ ସାମିଲ ହେବେ। ଶାସ୍ତ୍ରୀୟ ଭାଷାର ମାନ୍ୟତା ପରେ ଓଡ଼ିଆ ଭାଷାକୁ କିଭଳି ଭାବେ ବିଶ୍ୱମୁଖୀ କରାଯାଇପାରିବ ଏବଂ ପଠିତ ହୋଇ ନ ଥିବା ତାଳପତ୍ର ପୋଥି ଓ ଶିଳାନ୍ୟାସର ପୁନରୁଦ୍ଧାର କରିବା ନେଇ ସମ୍ମିଳନୀରେ ଗୁରୁତ୍ୱ ଦିଆଯିବ ବୋଲି ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ କୁଳପତି ପ୍ରଫେସର ହରିହର ହୋତା କହିଛନ୍ତି। ସେହିପରି ଓଡ଼ିଆ ଓ ସଂସ୍କୃତ ମଧ୍ୟରେ ସମ୍ପର୍କର ବିଭିନ୍ନ ଦିଗ ଉପରେ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରାଯିବ। ଓଡ଼ିଆ ଭାଷାର ଗବେଷଣା ପାଇଁ ଶ୍ରୀକ୍ଷେତ୍ରକୁ ସୁଯୋଗ ମିଳିଥିବାରୁ ଏହା ଅତ୍ୟନ୍ତ ଗର୍ବର ବିଷୟ ବୋଲି ହୋତା କହିଛନ୍ତି। ତେବେ କୋଭିଡ୍ ସମୟରେ ସମ୍ମିଳନୀ ଆୟୋଜନ ହେବାକୁ ଥିବାରୁ ସୀମିତ ସଂଖ୍ୟକ ଗବେଷକ ଓ ସ୍ଥାନୀୟ ବିଦ୍ୱାନ ଉକ୍ତ ସମ୍ମିଳନୀରେ ଯୋଗଦେବେ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଧରଣୀଧର ରଣା, ଡ. ସୁଶାନ୍ତ କୁମାର ରାଜ ପ୍ରମୁଖ ଉପସ୍ଥିତ ଥିଲେ।


ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୁରୁବାର ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ଗୁଞ୍ଜନ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଓଡ଼ିଶୀର ମୌଳିକତା କ୍ଷୁଣ୍ଣ ନ ହେଉ

**ଭୁବନେଶ୍ୱର, ୨୫।୩ (ବ୍ୟୁରୋ)**

ଓଡ଼ିଶୀ ନୃତ୍ୟ ହେଉଛି ଆମ ଓଡ଼ିଶା ସଂସ୍କୃତି, ପରମ୍ପରା। ଏହା କେବଳ ଓଡ଼ିଶା କିମ୍ବା ଭାରତରେ ସୀମିତ ନାହିଁ, ବରଂ ସମଗ୍ର ବିଶ୍ୱରେ ପରିଚିତ। ଏହା ଏକ ପ୍ରାଚୀନ କଳା। ତେଣୁ ଏହାର ପ୍ରାଚୀନତାକୁ ବଜାୟ ରଖି ଆମେ ଏଥିରେ ନୂତନତ୍ୱ ଆଣିପାରିବା। ଓଡ଼ିଶୀରେ ନୂତନତ୍ୱ ସ୍ୱାଗତଯୋଗ୍ୟ, ମାତ୍ର ଏହା ଯେପରି ଓଡ଼ିଶୀର ମୌଳିକତାକୁ କ୍ଷୁଣ୍ଣ ନ କରେ ସେଥିପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ନୃତ୍ୟ ଗୁରୁ ତଥା ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ମୀରା ଦାସ କହିଛନ୍ତି। ଗୁରୁବାର ଏକାଡେମୀ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ 'ବେସିକ୍ସ ଆଣ୍ଡ ଏଥିକ୍ସ ଇନ୍ ଓଡ଼ିଶୀ ଡ୍ୟାନ୍ସ କୋରିଓଗ୍ରାଫି' ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ମୀରା କହିଲେ, ସାଧାରଣତଃ ନବାଗତ ନୃତ୍ୟଶିଳ୍ପୀମାନେ କଷ୍ଟ୍ୟୁମକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଗୋଟିଏ ନିଖୁଣ ନୃତ୍ୟକଳା ପାଇଁ କଷ୍ଟ୍ୟୁମ ସହିତ ଆମର ହସ୍ତମୁଦ୍ରା ଓ ମୁହଁର ଭାବ ମଧ୍ୟ ଗୁରୁତ୍ୱ ବହନ କରିଥାଏ।


ଗୁଞ୍ଜନ ସନ୍ଧ୍ୟାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ନୃତ୍ୟଗୁରୁ ଇଲିଆନା ଚିତାରିସ୍ତି କହିଲେ, ନୃତ୍ୟରେ କପିରାଇଟ୍ ରହିବା ଆବଶ୍ୟକ। ନୃତ୍ୟଗୁରୁ ସିକତା ଦାସ କହିଲେ, କୋରିଓଗ୍ରାଫି କେବଳ ଏକ ଆଇଟମ୍ ନୁହେଁ, ବରଂ ଏହା ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍। ଏହା ନିହାତି ଭାବେ ସୁନ୍ଦର ଓ ଅର୍ଥପୂର୍ଣ୍ଣ ହେବା ଦରକାର। ଗୋଟିଏ ଉଚ୍ଚକୋଟିର ନୃତ୍ୟ ପରିବେଷଣ ପାଇଁ ଏକ ଭଲ ସଙ୍ଗୀତ ନିହାତି ଆବଶ୍ୟକ। ନୃତ୍ୟଗୁରୁ ତଥା କୋରିଓଗ୍ରାଫର କସ୍ତୁରୀ ପଟ୍ଟନାୟକ, ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ, ଗୁରୁ ଗଜେନ୍ଦ୍ର ପଣ୍ଡା, ପଦ୍ମଶ୍ରୀ ଅରୁଣା ମହାନ୍ତି ଏହା ଉପରେ ନିଜର ମତ ରଖିଥିଲେ।

ଦ୍ୱିତୀୟ ଅଧିବେଶନରେ 'ଗୁଞ୍ଜନ ସନ୍ଧ୍ୟା' ଅନୁଷ୍ଠିତ ହୋଇଥିଲା। ଏଥିରେ ଏକାଡେମୀର ଶିଳ୍ପୀମାନେ ଗୁରୁ ମୀରା ଦାସଙ୍କ କୋରିଓଗ୍ରାଫି ହୋଇଥିବା ୪ଟି ନୃତ୍ୟ ପରିବେଷଣ କରିଥିଲେ। 'ଜଗନ୍ନାଥ ମଙ୍ଗଳମ୍'ରୁ ଆରମ୍ଭ ହୋଇଥିଲା ସନ୍ଧ୍ୟା। ପରେ ରାଗ କିରବାଣୀ ଓ ତାଳ ଖେମ୍‌ଟା ଆଧାରିତ 'ପଲ୍ଲବୀ' ପରିବେଷଣ କରାଯାଇଥିଲା। ତେବେ 'ବିନ୍ଦୁରୁ ସିନ୍ଧୁ' ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଏଥିରେ ନଦୀକୁ ନାରୀ ସହିତ ତୁଳନା କରାଯାଇଥିଲା। ଶେଷରେ 'ସର୍ବମଙ୍ଗଳମ୍' ପରିବେଷଣ କରାଯାଇଥିଲା। ସନ୍ଧ୍ୟାର ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ବିଷ୍ଣୁପଦ ସେଠୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବାହୀ ଡ. ସଙ୍ଗୀତା ଗୋସାଇଁ, ଆଇସିସିଆର୍‌ର ନିର୍ଦ୍ଦେଶକ ମୀନାକ୍ଷୀ ମିଶ୍ର, ଏକାଡେମୀ ସଭାପତି ଗାୟତ୍ରୀ ଦାସ ଉପସ୍ଥିତ ଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅମାନତ


@ ଶ୍ରୀକାନ୍ତ


@ ସୌମ୍ୟ


@ ଶୁଭ୍ରଜିତ


@ ସୁମିତ୍ରା


@ ପୁଷ୍ପା


@ ବିଷ୍ଣୁପ୍ରସାଦ


@ ସମର

# ଏପ୍ରିଲରୁ 'କାରାଗାର ଅଦାଲତ'

**ଭୁବନେଶ୍ୱର, ୨୫।୩(ବ୍ୟୁରୋ)**

ଆସନ୍ତା ଏପ୍ରିଲରୁ ଓଡିଶାରେ ଆରମ୍ଭ ହେବ କାରାଗାର ଅଦାଲତ। କୋର୍ଟରେ ଅନେକ କେସ୍ ବିଚାରଧୀନ ଅବସ୍ଥାରେ ପଡ଼ିରହିଛି। ଏଥିମଧ୍ୟରୁ ଅଧିକାଂଶ ଛୋଟ ମାମଲା ରହିଛି, ଯାହାର ସମାଧାନ ଖୁବ୍ କମ୍ ସମୟରେ ହୋଇପାରିବ। ହେଲେ କୌଣସି କାରଣରୁ ଏହି ମାମଲାଗୁଡ଼ିକର ସମାଧାନ ହୋଇପାରୁନାହିଁ। ଯେଉଁଥିପାଇଁ ଜେଲ୍‌ରେ ଦୋଷୀ ସାବ୍ୟସ୍ତଙ୍କଠାରୁ ଅଧିକାଂଶ ବିଚାରଧୀନ କଏଦୀ ରହୁଛନ୍ତି। ଏହି ସମସ୍ୟାର ସମାଧାନ କରିବା ପାଇଁ ଜେଲ୍ ନିର୍ଦ୍ଦେଶାଳୟ ନୂଆ ବ୍ୟବସ୍ଥା ଆପଣାଇଛି। ଏଣିକି ଜେଲ୍ ପରିସରରେ ଏପ୍ରିଲରୁ 'ଜେଲ୍ ଅଦାଲତ' ବସାଇବାକୁ ନିଷ୍ପତ୍ତି ନିଆଯାଇଛି।

ଏନେଇ ଜେଲ୍ ଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି, ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷଙ୍କ ସହ ସଂଯୋଜନା ରଖାଯାଇ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଯେଉଁ କେସ୍‌ର ଦଣ୍ଡ ୧ ବର୍ଷରୁ ୨ବର୍ଷ ମଧ୍ୟରେ ହୋଇଥିବ, ସେହି କେସ୍‌ଗୁଡ଼ିକ ଜେଲ୍‌ରେ ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି। ଜେଲ୍ ଅଦାଲତ ଅଭିଯୁକ୍ତମାନଙ୍କୁ ପ୍ଲି-ବାର୍‌ଗେନିଂ କରିବାର ସୁଯୋଗ ଦେବ। ପ୍ଲି-ବାର୍‌ଗେନିଂ ହେଉଛି ସରକାରୀ ଓକିଲ ଏବଂ ଅଭିଯୁକ୍ତ ମଧ୍ୟରେ ଏକ ବୁଝାମଣା। ଯେଉଁଥିରେ କମ୍ ଦଣ୍ଡ ପାଇବା ସର୍ତ୍ତରେ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଥାନ୍ତି। ଫଳରେ ଜଜ୍ ଛୋଟ ମାମଲାରେ ଅଭିଯୁକ୍ତଙ୍କୁ କମ୍ ଦଣ୍ଡ ସହ ଜରିମାନା ଶୁଣାଇଥାନ୍ତି। ଏହି ବ୍ୟବସ୍ଥା ଦ୍ୱାରା ଜାମିନ ପାଉ ନ ଥିବା କଏଦୀମାନେ ମଧ୍ୟ ଉପକୃତ ହେବେ। ଜାମିନ ସର୍ତ୍ତ ପାଳନ ନ କରିପାରିବା ଏବଂ ଜାମିନଦାର ନ ଥିବାରୁ ପ୍ରାୟ ୩୮୧ କଏଦୀ ବର୍ତ୍ତମାନ ବିଭିନ୍ନ ଜେଲରେ ରହିଛନ୍ତି। ସେମାନଙ୍କର ବିବରଣୀ ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷଙ୍କୁ ପଠାଯାଇଛି ବୋଲି ଜେଲ୍ ଡିଜି କହିଛନ୍ତି।

# ଲୁଟେରା ଗ୍ୟାଙ୍ଗ୍‌ର ୬ ଗିରଫ

**କଟକ ଅଫିସ, ୨୫।୩**

## ୪ ବନ୍ଧୁକ, ୮ ଗୁଳି, ୨ ବାଇକ୍ ଓ ୫୫୦୦ ଟଙ୍କା ଜବତ



ମଧୁପାଟଣା ଥାନା ପୋଲିସ ଏକ ଲୁଟେରା ଗ୍ୟାଙ୍ଗ୍‌ର ୬ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୪ ବନ୍ଧୁକ, ୮ ଗୁଳି, ୬ ମୋବାଇଲ ଫୋନ୍, ୨ବାଇକ୍ ସମେତ ନଗଦ ୫୫୦୦ ଟଙ୍କା ଜବତ କରିଛି। ଗିରଫ ହୋଇଥିବା ଲୁଟେରାମାନେ ହେଲେ ମଧୁପାଟଣା ଥାନା ଅଧୀନ ତିନିଘରିଆ ଅଞ୍ଚଳର ଜ୍ଞାନ ଓରଫ୍ ଦୀପକ କୁମାର ବେଉରା, ନିଆଳି ଥାନା ଅଞ୍ଚଳର ସନ୍ତୁ ଓରଫ୍ ସନ୍ତୋଷ ପାତ୍ର, ମାର୍ଶାଘାଇ ଥାନା ଅଞ୍ଚଳର ରାଜା ଓରଫ୍ ବିବେକାନନ୍ଦ ସେନାପତି, ମଙ୍ଗଳାବାଗ ତେଲିସାହି ଅଞ୍ଚଳର କୁନା ବେହେରା ଏବଂ ଜଗତ୍‌ସିଂହପୁର ବାଲିକୁଦା ଥାନା ଅଞ୍ଚଳର ସୁଧୀର ସ୍ୱାଇଁ। ଏମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଡିସିପି ପ୍ରତୀକ୍ ସିଂ ତାଙ୍କ କାର୍ଯ୍ୟାଳୟରେ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଡିସିପି କହିଛନ୍ତି, ବୁଧବାର ରାତିରେ ଏହି ଘଟଣା ଘଟିଥିଲା। ଲୁଟ୍‌ର ଶିକାର ହୋଇଥିବା କୁନା ବିଶ୍ୱାଳ ମଧୁପାଟଣା ଥାନାରେ ଅଭିଯୋଗ କରିଥିଲେ ଯେ, ସନ୍ତୋଷ ନଗରଠାରେ ୬ଜଣ ଦୁର୍ବୃତ୍ତ ବନ୍ଧୁକ ମୁନରେ ତାଙ୍କଠାରୁ ନଗଦ ଟଙ୍କା ଓ ମୋବାଇଲ ଫୋନ୍ ଲୁଟ୍ କରି ଦୁଇଟି ବାଇକ୍ ଯୋଗେ ଫେରାର ହୋଇଯାଇଥିଲେ। ମଧୁପାଟଣା ଥାନା ଅଧିକାରୀ ତୁଷାରକାନ୍ତ ସେଠୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ତେବେ ଜଣେ ସେଠାରୁ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନେ ପୂର୍ବରୁ ଡକାୟତି, ରାହାଜାନି ଓ ଲୁଟ୍ ପରି ସଙ୍ଗିନ ମାମଲାରେ ଗିରଫ ହୋଇ ଜାମିନରେ ଆସିଥିଲେ। ସେମାନେ ବାଙ୍କୀ, ସାଲେପୁର, ଖୁଣ୍ଟୁଣି, ନିଆଳି ଆଦି ଅଞ୍ଚଳରୁ ଲକ୍ଷ ଲକ୍ଷ ଟଙ୍କା ଲୁଟ୍‌ପାଟ୍ କରିଛନ୍ତି। ଏପରି କି ଏକବର୍ଷ ମଧ୍ୟରେ ସେମାନେ ଏକ କୋଟି ଟଙ୍କାର ଲୁଟ୍ କରିଥିବା ପୋଲିସ ପାଖରେ ସ୍ୱୀକାର କରିଛନ୍ତି। ସେମାନଙ୍କଠାରୁ ଗୋଟିଏ ୯ ଏମ୍‌ଏମ୍ ଓ ୭.୬୫ ଏମ୍‌ଏମ୍‌ର ଦେଶୀ ପିସ୍ତଲ, ଦୁଇଟି ରିଭଲଭର, ୮ଟି ଜୀବନ୍ତ ଗୁଳି, ୬ଟି ମୋବାଇଲ୍ ଫୋନ୍, ଗୋଟିଏ ହରନେଟ୍ ମୋଟର ସାଇକେଲ(ଓଡି ୦୫ ୟୁ ୦୭୫୮), ଗୋଟିଏ ଆପାଚି ବାଇକ୍ (ଓଡି ୦୬ ଏନ୍ ୫୬୪୬) ସମେତ ୫,୫୦୦ ଟଙ୍କା ନଗଦ ଟଙ୍କା ଜବତ ହୋଇଛି। ଅଭିଯୁକ୍ତ ଜ୍ଞାନଙ୍କ ନାମରେ ମଧୁପାଟଣା ଥାନାରେ ୧୯ଟି, ସନ୍ତୁ ନାମରେ ନିଆଳି, ଓଲଟପୁର, ଜଗତ୍‌ସିଂହପୁର ଥାନାରେ ୧୨ଟି, ସୁଧିର ନାମରେ ମଧୁପାଟଣା, କ୍ୟାଣ୍ଟନମେଣ୍ଟ, ଚାଉଳିଆଗଞ୍ଜ, ମଙ୍ଗଳାବାଗ, ଚୌଦ୍ୱାର, ବାଲିକୁଦା ଥାନାରେ ୧୦ଟି ଏବଂ ରାଜା ନାମରେ ସଦର ଥାନାରେ ଗୋଟିଏ ସଙ୍ଗିନ ମାମଲା ଥିବା ଡିସିପି ସିଂ ସୂଚନା ଦେଇଛନ୍ତି।

# ଜେଇଇ(ମେନ୍)ରେ ଓଡିଏମ୍ ଛାତ୍ର ରାଜ୍ୟରେ ପ୍ରଥମ

**ଭୁବନେଶ୍ୱର, ୨୫।୩**


ଦେବାଶିଷ ପଣ୍ଡା

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଦ୍ୱିତୀୟ ସର୍ବଭାରତୀୟ ଜେଇଇ(ମେନ୍) ପରୀକ୍ଷା-୨୦୨୧ର ଫଳ ପ୍ରକାଶ ପାଇଛି। ଏଥିରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ଛାତ୍ର ଦେବାଶିଷ ପଣ୍ଡା ୯୯.୯୫ % ରଖି ସମଗ୍ର ଓଡ଼ିଶାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଅନୁଭବ ମିଶ୍ର ୯୯.୯୦ % ପାଇ ବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏହି ସ୍କୁଲ୍‌ର ୧୪ଜଣ ଛାତ୍ରୀଛାତ୍ର ୯୯% ଉପରେ ମାର୍କ ପାଇଛନ୍ତି। ତିନିଜଣ ଛାତ୍ର ଅନୁଭବ ମିଶ୍ର, ଶାଶ୍ୱତ ସାହୁ ଓ ସୁରଜ ପତି ନିର୍ଦ୍ଦିଷ୍ଟ ବିଷୟରେ ୧୦୦% ପାଇବାର ଗୌରବ ଅର୍ଜନ କରିଛନ୍ତି। ୧୬ଜଣ ଛାତ୍ରୀଛାତ୍ର ୯୮% ରଖିଥିବାବେଳେ ୨୫ଜଣ ଛାତ୍ରୀଛାତ୍ର ୯୫% ରଖିଛନ୍ତି। ଅନୁଭବ ମିଶ୍ର, ଶାଶ୍ୱତ ସାହୁ ଓ ସୁରଜ ପତି ୯୯.୯୦, ୯୯.୯୮ ଓ ୯୯.୮୬% ରଖି ବିଦ୍ୟାଳୟରେ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ଲାଭ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ପ୍ରବନ୍ଧନ ସମିତିର ସଭାପତି ପ୍ରଫେସର ପ୍ରମୋଦ କୁମାର ଦାସ, ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ, ପ୍ରଶାସନିକ ଓ ବିତ୍ତ ନିର୍ଦ୍ଦେଶିକା ଇନ୍ଦୁମତି ରାୟ, ମୁଖ୍ୟ କାର୍ଯ୍ୟାନ୍ୱୟନ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଓଡିଏମ୍ ପରିବାର, ସମସ୍ତ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି।

ଏନ୍‌ଟିଏ ଦ୍ୱାରା ବିଇ ଓ ବିଟେକ ପାଇଁ ହୋଇଥିବା ଜେଇଇ(ମେନ୍) ପରୀକ୍ଷା ୧୬ରୁ ୧୮ ମାର୍ଚ୍ଚ ମଧ୍ୟରେ ହୋଇଥିଲା। ମୋଟ ୬ଲକ୍ଷ ୧୯ହଜାର ୬୩୮ ଜଣ ପରୀକ୍ଷାର୍ଥ ପେପର-୧ ପାଇଁ ନାମ ପଞ୍ଜୀକରଣ କରିଥିଲେ। ଦେଶ ବାହାରର ୧୨ଟି ସହର ସମେତ ମୋଟ ୩୩୪ ସହରରେ ଏହି ପରୀକ୍ଷା ହୋଇଥିଲା।

## 'ସଂସ୍କୃତି ଓ ସଂସ୍କୃତି' ପକ୍ଷରୁ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ବ୍ୟୁରୋ): ସାଂସ୍କୃତିକ ଅନୁଷ୍ଠାନ ସଂସ୍କୃତି ଓ ସଂସ୍କୃତି ଏବଂ ସଚେତନ ନାଗରିକ ଫୋରମ୍ ପକ୍ଷରୁ ଟ୍ୱିନସିଟିର ନୂତନ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଉଭୟ ଅନୁଷ୍ଠାନର ଏକ ପ୍ରତିନିଧି ଦଳ ପ୍ରିୟଦର୍ଶୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ରାଜଧାନୀରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ କମିଶନର ଜନ ସହଯୋଗ କାମନା କରିଥିଲେ। ପ୍ରତିନିଧି ମଣ୍ଡଳୀରେ ପ୍ରଦୋଷ ପଟ୍ଟନାୟକ, ଦିଲୀପ ହାଲି, ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ୨୭ରେ ଭୁବନେଶ୍ୱର ବାର୍ ନିର୍ବାଚନ

ପୁରୁଣା ଭୁବନେଶ୍ୱର,୨୫।୩ (ଡି.ଏନ୍.ଏ.): କୋଭିଡ୍ କଟକଣା ଯୋଗୁ ୩ ମାସ ପାଇଁ ଭୁବନେଶ୍ୱର ବାର୍ ଓକିଲ ସଂଘ ନିର୍ବାଚନ ହୋଇଥିବା ବେଳେ ପୁନର୍ବାର ଆସନ୍ତା ୨୭ ତାରିଖରେ ୧ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ପ୍ରସ୍ତୁତି ଶେଷ ହୋଇଛି। ସଭାପତି ପଦ ପାଇଁ ମହମ୍ମଦ ଜିଆଉଲ ହକ୍, ନିରଞ୍ଜନ କାନୁନଗୋ, କିଶୋର କର ଓ ନିର୍ମଳ ରଥ ପ୍ରାର୍ଥୀ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ପଦ ପାଇଁ ରାଜକିଶୋର ଦାସ, ଦେବୀ ପ୍ରସାଦ ମିଶ୍ର, ଅକ୍ଷୟ ସାମନ୍ତରାୟ ଓ ଗୁଣ୍ଡୁଚି ସାହୁ, ଯୁଗ୍ମ ସମ୍ପାଦକ ପଦ ପାଇଁ ଅଶୋକ ବଡ଼ପଣ୍ଡା, ସୁକାନ୍ତ ବେହେରା ଏବଂ ରାଜଲକ୍ଷ୍ମୀ ପ୍ରାର୍ଥୀ ହୋଇଛନ୍ତି। ବିଭିନ୍ନ ପଦବୀ ସହ ୮ଟି କାର୍ଯ୍ୟକାରୀ ସଦସ୍ୟଙ୍କ ପାଇଁ ୯ଜଣଙ୍କ ସହ ୨୬ଜଣ ଆଇନଜୀବୀ ପ୍ରଚାର ଆରମ୍ଭ କରିଛନ୍ତି। ଏମାନଙ୍କ ମଧ୍ୟରୁ ଦୁଇଜଣ ମହିଳା ଆଇନଜୀବୀ କାର୍ଯ୍ୟକାରୀ ସଦସ୍ୟାଭାବେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ଭୁବନେଶ୍ୱର ବାର୍ ଆସୋସିଏଶନରେ ୫ହଜାରରୁ ଊର୍ଦ୍ଧ୍ୱ ଆଇନଜୀବୀ ସଦସ୍ୟାସଦସ୍ୟ ରହିଥିବା ବେଳେ ଚଳିତବର୍ଷ 'ୱାନ ବାର୍ ୱାନ ଭୋଟ' ପାଇଁ ୨୮୦୦ ଆଇନଜୀବୀ ଭୋଟ ଦେଇପାରିବେ ବୋଲି ନିର୍ବାଚନ ଅଧିକାରୀ ସୁଦାମ ଚରଣ ଦାସ କହିଛନ୍ତି।

### ୯ ମୋବାଇଲ୍ ଜବତ, ୮ ଗିରଫ

ଭୁବନେଶ୍ୱର, ୨୫।୩(ବ୍ୟୁରୋ): ଭୁବନେଶ୍ୱର ସହରାଞ୍ଚଳର ୩ ପୋଲିସ ଥାନାର ସ୍ପେଶାଲ୍ ସ୍କ୍ୱାଡ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୯ଟି ମୋବାଇଲ୍ ଫୋନ୍ ଓ ଲ୍ୟାପ୍‌ଟପ ଆଦି ଜବତ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହୋଇଯିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁସାରେ, ଜଟଣୀ ଥାନାରେ ଗତ ୭ ତାରିଖରେ ଦେବାଶିଷ ରଥଙ୍କ ଘରର କବାଟ ଭାଙ୍ଗି କିଛି ଦୁର୍ବୃତ୍ତ ୧୫ ହଜାର ଟଙ୍କା, ସୁନା ଅଳଙ୍କାର ଲୁଟି ନେଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇ ଜଟଣୀ ମାଡ୍ରାସ ସାହିର ବବ୍‌ଲୁ ଓରଫ୍ ମୁକ୍ତର ଖାନ୍ ଓ କ୍ରିଶନ୍ ଓରଫ୍ ଅମଜାଦ୍ ଖାନ୍‌ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେହିପରି ଖଣ୍ଡଗିରି ଥାନା ପୋଲିସ ୩ ମୋବାଇଲ୍ ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଛଅ ମୋବାଇଲ୍ ଫୋନ୍ ଓ ଲାପ୍‌ଟପ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅନୁଗୋଳ ଜିଲା ଆଠମଲ୍ଲିକର ରାହୁଲ ଓରଫ୍ ଭାଗ୍ୟବନ୍ତ ମିଶ୍ର, ଖଣ୍ଡଗିରି ଯଦୁପୁରର ମିଟୁ ଓରଫ୍ ମିହିର ଓରଫ୍ ମିହିର ଆଶିକ୍ ଓ ଗଣ୍ଡମୁଣ୍ଡା ତାରିଣୀ ବସ୍ତିର ବାବୁନ୍ ଓରଫ୍ ବାବୁ ବିଶ୍ୱାଳ। ଅନ୍ୟପଟେ ଗତ ୨୨ ତାରିଖ ରାତିରେ କିଛି ଦୁର୍ବୃତ୍ତ ତାଙ୍କ ପର୍ସ ଏବଂ ଦୁଇଟି ମୋବାଇଲ୍ ଚୋରି କରି ନେଇଥିବା ସୁନିଲ କୁମାର ମଲିକ୍ ନାମକ ବ୍ୟକ୍ତି ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଶହୀଦନଗର ବିଶେଶ୍ୱରୀ ବସ୍ତିର ଚନ୍ଦା ଓରଫ୍ ନିରଞ୍ଜନ୍ ସବର, ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ରମେଶ ଓରଫ୍ ରମେଶ ସେଠୀ ଓ ନଣ୍ଡା ଓରଫ୍ ଶିବ ଗୋଇପାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ପୋଲିସ ଦୁଇଟି ମୋବାଇଲ୍ ଜବତ କରିଛି।

# ଗଞ୍ଜେଇ ଚାଲାଣବେଳେ ୩ ମହିଳା ଗିରଫ

- କନ୍ଧମାଳରୁ ଭୁବନେଶ୍ୱର ଦେଇ କୋଲକାତା ଯାଉଥିଲା
- ଚୋରା ଚାଲାଣର ମାଧ୍ୟମ ପାଲଟିଛି ବସ୍

ଭୁବନେଶ୍ୱର,୨୫।୩(ବ୍ୟୁରୋ)

କନ୍ଧମାଳରୁ ଭୁବନେଶ୍ୱର ଦେଇ କୋଲକାତାକୁ ଚାଲାଣ ହେଉଛି ଗଞ୍ଜେଇ। ଟ୍ରେନ୍‌ରେ ଯାଞ୍ଚ କଡ଼ାକଡ଼ି ହେବା ପରେ ଏବେ ବସ୍ ହିଁ ଏହି ଚୋରା ଡ୍ରଗ୍ସ କାରବାରର ମୁଖ୍ୟ ମାଧ୍ୟମ ପାଲଟିଛି। ପୁଣି ପୋଲିସ ନଜରରୁ ବର୍ତ୍ତିବା ପାଇଁ ଏହି ର୍‌ୟାକେଟରେ ମହିଳାଙ୍କୁ ସାମିଲ କରାଯାଉଛି। ଡ୍ରଗ୍ସ ମାଫିଆମାନେ ମହିଳାମାନଙ୍କୁ ବିଶେଷକରି ଚାଲାଣରେ ନିୟୋଜିତ କରୁଛନ୍ତି। କୋଲକାତାକୁ ଗଞ୍ଜେଇ ଚାଲାଣବେଳେ ଗୁରୁବାର ଭରତପୁର ଥାନା ପୋଲିସ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ୩ଜଣ ମହିଳାଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ବର୍ଦ୍ଧମାନର ଶ୍ରୀୟା ଶ୍ରୀ (୫୫) ଓ ଖାତୁନ ବିବି(୭୫) ଏବଂ କନ୍ଧମାଳ ଜିରିଙ୍ଗପଡ଼ାର ସରସ୍ୱତୀ ନାୟକ(୭୦)। ପୋଲିସ ସେମାନଙ୍କ ନିକଟରୁ ୨ଟି ବସ୍ତାରେ ଥିବା ୩୦ କିଗ୍ରା ଗଞ୍ଜେଇ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ। ସେମାନଙ୍କୁ ପଚରାଉଚରାବେଳେ ପୋଲିସ ବହୁ ତଥ୍ୟ ପାଇଛି। ସୂଚନା ଅନୁଯାୟୀ, ୩ଜଣ ମହିଳା ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ସନ୍ଦେହଜନକ ଅବସ୍ଥାରେ ରହିଥିବା ଓ ସେମାନଙ୍କ ପାଖରେ ଗଞ୍ଜେଇ ଥିବା ସୂଚନା ପାଇବା ପରେ ଭରତପୁର ଥାନା ପିସିଆର ପୋଲିସ ସେଠାରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ସେମାନେ ଖସି ଯିବାକୁ ଉଦ୍ୟମ କରିବାବେଳେ ଧରାପଡିଥିଲେ। ଯାଞ୍ଚ କରିବାରୁ ତାଙ୍କ ପାଖରେ ଦୁଇଟି ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା। ପୋଲିସ ସେମାନଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ସରସ୍ୱତୀ ଫୁଲବାଣୀରୁ ଏହି ଗଞ୍ଜେଇ ବସ୍‌ରେ ଆଣିଥିଲେ। ପୂର୍ବ ଯୋଜନା ମୁତାବକ ପଶ୍ଚିମବଙ୍ଗର ଶ୍ରୀୟା ଓ ଖାତୁନ ତାଙ୍କଠାରୁ ଗଞ୍ଜେଇ ନେବା ପାଇଁ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିଲେ। ସରସ୍ୱତୀ ସେମାନଙ୍କୁ ଗଞ୍ଜେଇ ହସ୍ତାନ୍ତର କରି ଫେରି ଯାଇଥାନ୍ତେ। ଏହି ଚାଲାଣ ବାବଦକୁ ଅଭିଯୁକ୍ତ ମହିଳାମାନେ ମୁଖ୍ୟ ଚାଲାଣକାରୀଙ୍କ ନିକଟରୁ ପାଉଣା ମଧ୍ୟ ନେଇଥିଲେ। ତେବେ ର୍‌ୟାକେଟର ମାଷ୍ଟରମାଇଣ୍ଡ ଓ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ତଦନ୍ତ ଆରମ୍ଭ କରିଛି।

# ରାଜଧାନୀରେ ୨୦ ପ୍ଲାଟୁନ୍ ଫୋର୍ସ ମୁତୟନ

## ଭାରତ ବନ୍ଦ

ଭୁବନେଶ୍ୱର,୨୫।୩(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନକୁ ବିରୋଧ କରି ଚାଷୀ ସଙ୍ଗଠନ ସଂଯୁକ୍ତ କିଷାନ ମୋର୍ଚ୍ଚା ଶୁକ୍ରବାର ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରା ଦେଇଛି। ସକାଳ ୬ରୁ ସନ୍ଧ୍ୟା ୬ ଯାଏ ଗାଡି ମୋଟର, ରେଳ ଚଳାଚଳ ଓ ଦୋକାନ ବଜାର ବନ୍ଦ ରହିବ। ଏହାକୁ ଦୃଷ୍ଟିରେ ରଖି ରାଜଧାନୀରେ ଆଇନଶୃଙ୍ଖଳା ରକ୍ଷା ପାଇଁ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହରରେ ୨୦ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିବାବେଳେ ଜନଗହଳି ମାର୍କେଟ୍ ଓ ସମ୍ବେଦନଶୀଳ ଅଞ୍ଚଳରେ ଅଧିକ ପୋଲିସ ନିୟୋଜିତ ରହିବେ ବୋଲି ଭୁବନେଶ୍ୱର ଡିସିପି ଡ. ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ସବୁ ଥାନା ଅଞ୍ଚଳରେ ସ୍ଥାନୀୟ ପୋଲିସ ପାଟ୍ରୋଲିଂକୁ ଜୋରଦାର କରିବା ସହ ଥାନାଧିକାରୀ ଉପସ୍ଥିତ ରହିବେ। ଏହାସହ ସ୍ଥିତି ସମ୍ପର୍କରେ ହେଡ୍‌କ୍ୱାର୍ଟର୍ସକୁ ନିୟମିତ ଅପଡେଟ୍ ତଥ୍ୟ ଦେବା ନେଇ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ବନ୍ଦ ପାଳନ ସମୟରେ ଯେମିତି ଜରୁରିକାଳୀନ ସେବା ପ୍ରଭାବିତ ନ ହେବ ସେନେଇ ପୋଲିସ ସମସ୍ତ ପ୍ରକାର ପ୍ରସ୍ତୁତି କରିଛି। ଯଦି କେହି ବିନା ହେଲମେଟ୍‌ରେ ରାଲି କରିବେ, ତା'ହେଲେ ସିସିଟିଭି ଫୁଟେଜ୍‌ରୁ ଚିହ୍ନଟ କରାଯାଇ ସେମାନଙ୍କ ଘରକୁ ଚାଲାଣ ପଠାଯିବ ବୋଲି ଡିସିପି ସୂଚନା ଦେଇଛନ୍ତି।



ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଶହେ ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଲଳିତ କଳା ଏକାଡେମୀଠାରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଚିତ୍ରକଳା ପ୍ରଦର୍ଶନୀକୁ ପିଲାମାନେ ବୁଲି ଦେଖୁଛନ୍ତି।

# ଗାନ୍ଧିଜୀଙ୍କୁ ନେଇ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର, ୨୫।୩ (ବ୍ୟୁରୋ)

ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଆନୁକୂଲ୍ୟରେ ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଚିତ୍ରଶିଳ୍ପୀ ଶିବିର ଗତ ୨୩ ତାରିଖରୁ ଆରମ୍ଭ ହୋଇଥିଲା। ଶିବିରରେ ୪୦ଜଣ ଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଏହି ୪୦ ଚିତ୍ରକଳାକୁ ନେଇ ଗୁରୁବାର ରାଷ୍ଟ୍ରୀୟ ଲଳିତକଳା ଏକାଡେମୀଠାରେ ପ୍ରଦର୍ଶନୀ ଆରମ୍ଭ ହୋଇଛି। ଅତିଥି ଭାବେ ବିଭାଗର ଶାସନ ସଚିବ ବିଷ୍ଣୁପଦ ସେଠୀ, ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ, ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଓଏସ୍‌ଡି ମନସ୍ୱିନୀ ସାହୁ ପ୍ରମୁଖ ଯୋଗଦେଇ ଶିଳ୍ପୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ମହାତ୍ମାଗାନ୍ଧୀଙ୍କ ଆଦର୍ଶ, ଅହିଂସା ଆନ୍ଦୋଳନ ଓ ଓଡ଼ିଶା ଆଗମନ ସମ୍ପର୍କିତ ଘଟଣାବଳୀକୁ ଶିଳ୍ପୀମାନେ ଅତି ସୁନ୍ଦର ଭାବେ ଚିତ୍ର ମାଧ୍ୟମରେ ଦର୍ଶାଇଥିଲେ। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ଏହି ପ୍ରଦର୍ଶନୀ ଖୋଲା ରହିବ ବୋଲି ଏକାଡେମୀ ସଚିବ ସାହୁ ସୂଚନା ଦେଇଛନ୍ତି।

# ନ୍ୟାୟିକ ବ୍ୟବସ୍ଥାରେ ସଂସ୍କାର ଜରୁରୀ

ଭୁବନେଶ୍ୱର, ୨୫।୩ (ବ୍ୟୁରୋ)

ନ୍ୟାୟିକ ବ୍ୟବସ୍ଥାରେ ସଂସ୍କାର ଅଣାଯିବା ଜରୁରୀ। ପୋଲିସ ଷ୍ଟେଶନରେ ସ୍ୱତନ୍ତ୍ର ହେପାଜତ ଅଧିକାରୀଙ୍କ ଆବଶ୍ୟକତାଠାରୁ ଆରମ୍ଭ କରି ଗିରଫ ବ୍ୟକ୍ତିଙ୍କ ବିବୃତି ଗ୍ରହଣ କରିବା ସମୟରେ ଜଣେ ଓକିଲଙ୍କ ଉପସ୍ଥିତି ନିହାତି ଜରୁରୀ। ଭାରତୀୟ ପ୍ରଶାସନ ପ୍ରତିଷ୍ଠାନ (ଆଇଆଇପିଏ)ର ଓଡ଼ିଶା ଚାପ୍ଟର ଓ ଉତ୍କଳ ବିଶ୍ୱବିଦ୍ୟାଳୟର ସାଧାରଣ ପ୍ରଶାସନ ବିଭାଗର ସହଯୋଗରେ ଗୁରୁବାର ଅନୁଷ୍ଠିତ 'ଆପରାଧିକ ନ୍ୟାୟ ବ୍ୟବସ୍ଥା' ଶୀର୍ଷକ ଆଲୋଚନାଚକ୍ରରେ ପୂର୍ବତନ ପୋଲିସ କମିଶନର ତଥା ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେଶନର ସିଏମ୍‌ଡି ଡ. ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଆପରାଧିକ ନ୍ୟାୟିକ ସଂସ୍କାର ଉପରେ ଅଭିଭାଷଣ ଦେଇ ଡ. ଷଡ଼ଙ୍ଗୀ ପୋଲିସ ଫୋର୍ସକୁ ବାହ୍ୟ ହସ୍ତକ୍ଷେପରୁ ବଞ୍ଚାଇ ରଖିବାର ଗୁରୁତ୍ୱ, ସାଧାରଣ ଜନତାଙ୍କର ପୋଲିସ ଉପରେ ବିଶ୍ୱାସ ବୃଦ୍ଧି ଓ ପୋଲିସ ଫୋର୍ସରେ ଆଭ୍ୟନ୍ତରୀଣ ଉତ୍ତରଦାୟିତ୍ୱ ବଢାଇବା ସମ୍ପର୍କରେ ମତ ଦେଇଥିଲେ। ଆଲୋଚନା ପରେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଲିଙ୍ଗଗତ ନ୍ୟାୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇଆଇପିଏ ଅଧ୍ୟକ୍ଷ ଶରତ ଚନ୍ଦ୍ର ମିଶ୍ର, ସାଧାରଣ ପ୍ରଶାସନ ବିଭାଗର ମୁଖ୍ୟ ଡ. ସ୍ୱର୍ଣ୍ଣମୟୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ସିଭିଲ ସୋସାଇଟି ସ୍ୱାବଲମ୍ବୀ ହେବା ଆବଶ୍ୟକ'




## ସିୱାଇଏସ୍‌ଡିର ୩୯ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୫।୩ (ବ୍ୟୁରୋ)

ସିଭିଲ ସୋସାଇଟିଗୁଡ଼ିକ ପ୍ରଥମେ ନିଜେ ସ୍ୱାବଲମ୍ବୀ ହେବା ଆବଶ୍ୟକ। ନିର୍ଦ୍ଦିଷ୍ଟ ଅନୁଦାନ ଉପରେ ନିର୍ଭରଶୀଳ ନ ହୋଇ ସ୍ୱାବଲମ୍ବୀ ହୋଇପାରିଲେ ପ୍ରଭାବୀ ଢଙ୍ଗରେ ଗ୍ରାମୀଣ ବିକାଶକୁ ଆଗକୁ ନିଆଯାଇପାରିବ ବୋଲି ପରିବେଶବିତ୍ ପଦ୍ମଶ୍ରୀ ରାଧାମୋହନ କହିଛନ୍ତି। ବୁଧବାର ସିୱାଇଏସ୍‌ଡିର ୩୯ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ 'ଫ୍ୟୁଚର ଚାଲେଞ୍ଜ ଅଫ୍ ସିଭିଲ ସୋସାଇଟି' ଉପରେ ରାଧାମୋହନ କହିଲେ, ଜନଗଣଙ୍କ ବିଶ୍ୱାସ ଓ ହୃଦୟ ଜିତିବା ପାଇଁ ସିଭିଲ ସୋସାଇଟି ନିଜ କାମକୁ ନୂଆ ଢଙ୍ଗରେ କରିବାର ଆବଶ୍ୟକତା ରହିଛି। ସମ୍ମାନିତ ବକ୍ତାଭାବେ ସମାଜବିଜ୍ଞାନୀ ତଥା ପାର୍ଟିସିପେଟୋରି ରିସର୍ଚ୍ଚ ଇନ୍ ଏସିଆର ପ୍ରତିଷ୍ଠାତା ଡ. ରାଜେଶ ଟଣ୍ଡନ୍ ଯୋଗଦେଇ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରତି ସଂକଳ୍ପିତ ରହି ନିଷ୍ଠାର ସହ କାମ କରିବାକୁ ପରାମର୍ଶ ଦେଇଥିଲେ। ୧୯୯୯ ମହାବାତ୍ୟା ପରଠୁ ସବୁ ବାତ୍ୟା ସହ ଯୁଝିବାର ସାମର୍ଥ୍ୟ ସିୱାଇଏସ୍‌ଡି ହାସଲ କରିଥିବା ଏହାର ମାର୍ଗଦର୍ଶକ ଜଗଦାନନ୍ଦ କହିଥିଲେ। ଏହି ପ୍ରତିଷ୍ଠାନ ରାଜ୍ୟର ୯ ଜିଲା, ୨୩ ବ୍ଲକ୍, ୯୨ ପଞ୍ଚାୟତର ୭୦୯ ଗାଁରେ ୬୭ହଜାର ପରିବାର ସହ ଯୋଡ଼ି ହୋଇ ବିପର୍ଯ୍ୟୟ ପରିଚାଳନା ଅଣୁଯୋଜନା ପ୍ରସ୍ତୁତି, ବିକଳ୍ପ ଜୀବିକା, ବନ୍ୟାଞ୍ଚଳରେ ଆନୁଷଙ୍ଗିକ ସହାୟତା ଆଦି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସହିତ ଜଡ଼ିତ ରହିଥିବା ସେ ସୂଚନା ଦେଇଥିଲେ। ସିୱାଇଏସ୍‌ଡିର ସହ ପ୍ରତିଷ୍ଠାତା ଡ. ପ୍ରଫୁଲ୍ଲ କୁମାର ସାହୁ, ସାବରମତୀ ଏବଂ ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାକାନ୍ତ ମଣ୍ଡଳ ଓ ଏଫ୍‌ଇଏସ୍‌ର ଓଡ଼ିଶା ମୁଖ୍ୟ ମୀନା ଦାସ ମହାପାତ୍ର ଯୋଗଦେଇଥିଲେ।

# ଥାନା ଆଗରେ ନର୍ସିଂ ଛାତ୍ରୀଙ୍କ ଧାରଣା

## ନର୍ସିଂ କଲେଜ ଜାଲ୍ ସାର୍ଟିଫିକେଟ ଦେଉଥିବା ଅଭିଯୋଗ

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ଅଞ୍ଚଳରେ ଥିବା ଏକ ଘରୋଇ ନର୍ସ କଲେଜ ଜାଲ୍ ସାର୍ଟିଫିକେଟ ଦେଉଥିବା ନେଇ ଥାନାରେ ଅଭିଯୋଗ ହୋଇଛି। କଲେଜର ଶତାଧିକ ନର୍ସିଂ ଛାତ୍ରୀ ଗୁରୁବାର ସନ୍ଧ୍ୟାରେ ଥାନା ସମ୍ମୁଖରେ ଧାରଣା ଦେବା ସହ ନ୍ୟାୟ ଓ ପଦକ୍ଷେପ ଦାବି କରିଛନ୍ତି। ତେବେ ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ ସେମାନଙ୍କୁ ବୁଝାଶୁଝା କରିବା ସହ ଅଭିଯୋଗର ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଛାତ୍ରୀମାନଙ୍କ ଅଭିଯୋଗ ମୁତାବକ, ସେମାନେ ୨୦୧୯ରୁ ଉକ୍ତ କଲେଜରେ ଆଡ୍‌ମିଶନ କରିଥିଲେ। ୨୦୨୧ରେ ପାସ୍ କରିଥିଲେ। ହେଲେ ସେମାନଙ୍କଠାରୁ ଯେଉଁ ହିସାବରେ ଟଙ୍କା ନିଆଯାଇଥିଲା ସେହି ଅନୁସାରେ ପାଠପଢ଼ା ଓ ଅନ୍ୟ ସୁବିଧା ଦିଆଯାଇ ନ ଥିଲା। ଶେଷରେ ଦିଆଯାଇଥିବା ସାର୍ଟିଫିକେଟ ଜାଲ୍ ଥିବା ଜଣାପଡିବା ପରେ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବାରମ୍ବାର ଦୌଡ଼ିବା ପରେ ଶେଷରେ ନିରାଶ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ୩୫୦ ଟଙ୍କା ପାଇଁ...

# ଟ୍ରକ୍ ଡ୍ରାଇଭରଙ୍କୁ ଗୋଡେଇ ହାଣିଲେ ଶ୍ରମିକ

ଭୁବନେଶ୍ୱର, ୨୫।୩(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଚକେଇସିଆଣି କେନାଲ ବନ୍ଧ ନିକଟରେ ଜଣେ ଟ୍ରକ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଜଣେ ଧାରୁଆ ଅସ୍ତ୍ରରେ ତାଙ୍କୁ ଗୋଡାଇ ଗୋଡାଇ ହାଣିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପିସିଆର ପୋଲିସ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଛି। ଆକ୍ରମଣର ଶିକାର ଡ୍ରାଇଭର ଜଣକ ହେଲେ ସାଲେପୁରର ପ୍ରଶାନ୍ତ ପରିଡା(୩୦)। ପ୍ରଶାନ୍ତ ମଞ୍ଚେଶ୍ୱର ଗାଁରେ ରହି ଟ୍ରକ ଚଳାଉଥିଲେ। ସେ ଅନ୍ୟ ଶ୍ରମିକଙ୍କ ସମେତ ଚକେଇସିଆଣିର ପିଣ୍ଟୁ ନାମକ ଯୁବକଙ୍କୁ ବିଭିନ୍ନ ସ୍ଥାନକୁ ଶ୍ରମିକଭାବେ କାମ କରାଇବାକୁ ନେଉଥିଲେ। ମଜୁରି ବାବଦକୁ ପିଣ୍ଟୁ ପ୍ରଶାନ୍ତଙ୍କଠାରୁ ୩୫୦ ଟଙ୍କା ପାଇବାର ଥିଲା। ବାରମ୍ବାର ମାଗିବା ସତ୍ତ୍ୱେ ବାକି ଟଙ୍କା ନ ପାଇବାରୁ ବୁଧବାର ରାତି ୮ଟାରେ ପିଣ୍ଟୁ ପ୍ରଶାନ୍ତଙ୍କୁ ଆକ୍ରମଣ କରିଥିଲେ। ଟ୍ରକ୍ ମାଲିକଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ ଚଳାଇଛି।



ଆରୋହଣ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୨୯ତମ ନିଖିଳ ଉତ୍କଳ ନାଟ୍ୟ ଉତ୍ସବରେ ଗୁରୁବାର ପରିବେଷିତ ନାଟକ 'ହାଉସ୍ ୱାଇଫ୍'ର ଏକ ଦୃଶ୍ୟ।

# ପୋଷ୍ଟର ଲାଗିବା ପରେ ଆସୁଛି ବହୁ ଫୋନ୍ କଲ୍

## ଫାଣ୍ଡି ପରିସର ଗାଡିରୁ କଙ୍କାଳ ମିଳିବା ଘଟଣା

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ଜଟଣୀ ଥାନା ଅଧୀନ ଯାଁଳା ଫାଣ୍ଡି ପରିସରରେ ଥିବା ଏକ ଜବତ ଗାଡ଼ିରୁ ମିଳିଥିବା ମହିଳାଙ୍କ କଙ୍କାଳର ପରିଚୟ ପାଇବା ପାଇଁ ବୁଧବାର ସହରର ଓ ଆଖପାଖ ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଇଥିଲା କମିଶନରେଟ ପୋଲିସ। ପୋଷ୍ଟର ଲାଗିବାର ୪୮ ଘଣ୍ଟା ମଧ୍ୟରେ ବିଭିନ୍ନ ସ୍ଥାନରୁ ପୋଲିସ ନିକଟକୁ ଫୋନ୍ କଲ୍ ଆସୁଛି। ଦୁଇ ଦିନରେ ପ୍ରାୟ ୧୫ରୁ ୨୦ଟି ଫୋନ୍ କଲ୍ ଆସିଥିବା ଜଣାପଡିଛି। ଏଥିମଧ୍ୟରୁ ଖୋର୍ଦ୍ଧା ଜିଲା ଗୋହିରା ଅଞ୍ଚଳରୁ ଆସିଥିବା ଏକ ଫୋନ୍‌କଲକୁ ପୋଲିସ ଗୁରୁତ୍ୱ ଦେଉଥିବା ନେଇ ସୂଚନା ମିଳିଛି। ଗୋହିରା ଅଞ୍ଚଳରୁ ଫୋନ୍ କରିଥିବା ବ୍ୟକ୍ତି ଜଣକ ଯେଉଁ ତଥ୍ୟ ଦେଇଛନ୍ତି ଅଧିକାଂଶ ମୃତ ମହିଳାଙ୍କ ସହ ମିଶୁଥିବାରୁ ପୋଲିସ ଏନେଇ ତନାଘନା କରୁଛି। ସେହିପରି ଗଞ୍ଜାମ ଜିଲାରୁ ୨ଟି ଫୋନ୍‌କଲ ଆସିଥିବାବେଳେ ଖୋର୍ଦ୍ଧା ଜିଲାର ଆଖପାଖ ଅଞ୍ଚଳରୁ ଅଧିକାଂଶ କଲ୍ ଆସିଛି। ଏସମ୍ପର୍କରେ ତଦନ୍ତକାରୀ ଅଧିକାରୀ ବନିତା ମହାରଣାଙ୍କୁ ପଚାରିବାରୁ ସେ କୌଣସି ଫୋନ୍‌କଲ ଆସି ନ ଥିବା କହିଛନ୍ତି। ତଦନ୍ତରେ ବାଧାସୃଷ୍ଟି ହେବାର ଆଶଙ୍କା ଥିବାରୁ ପୋଲିସ ସବୁକିଛି ଗଣମାଧ୍ୟମକୁ ଜଣାଇବାକୁ ଚାହୁଁ ନ ଥିବା କୁହାଯାଉଛି। ସେହିପରି ଗୁରୁବାର ମଧ୍ୟ ପୋଲିସ ସହରରେ ପୋଷ୍ଟର ଲଗାଇବା ସହ ରାଜ୍ୟର ବିଭିନ୍ନ ଥାନାକୁ ପୋଷ୍ଟର ପଠାଇଛି। ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡ ଆଦି ସର୍ବସାଧାରଣ ସ୍ଥାନରେ ଏସବୁ ପୋଷ୍ଟର ଲଗାଯାଉଛି। ଏହି ପୋଷ୍ଟରରେ ମୃତ ମହିଳାଙ୍କ ସ୍କେଚ୍‌ର ୩ଟି ଫଟୋ ରହିଛି। ଉକ୍ତ ଫଟୋରେ ମହିଳାଙ୍କ ସମ୍ବନ୍ଧରେ ତଥ୍ୟ ଦିଆଯାଇଥିବାବେଳେ କୌଣସି ସୂଚନା ମିଳିଲେ ପୋଲିସକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି।

# 'ରାଧେ' ଫିଲ୍ମରେ ଓଡ଼ିଆ ଅଭିନେତା ରାମ ସିର୍କା

କେନ୍ଦୁଝର, ୨୫।୩

ଇଚ୍ଛା ଥିଲେ, ଉଦ୍ୟମ ବଳରେ ସବୁ କିଛି ହାସଲ କରିହେବ। ଏହାକୁ ପ୍ରମାଣିତ କରିଛନ୍ତି ବଲିଉଡ୍‌ରେ ଷ୍ଟାର ପାଲଟିଥିବା ଆଦିବାସୀ ଯୁବକ ରାମ ସିର୍କା। ପ୍ରଭୁଦେବା ନିର୍ଦ୍ଦେଶିତ ଓ ସଲମାନ ଖାନ ଅଭିନୀତ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ରାଧେ'ରେ ସେ ଅଭିନୟ କରିବାର ସୁଯୋଗ ପାଇଥିବା ବେଳେ ଆସନ୍ତା ଇଦ୍‌ରେ ଏହି ସିନେମା ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି।

ମୟୂରଭଞ୍ଜ ଜିଲା ବିଜାତଳା ବ୍ଲକର ନିପଟ ମଫସଲ ଖନ୍ତ ଗ୍ରାମରେ ରାମଙ୍କ ଜନ୍ମ। ଦୀର୍ଘ ବର୍ଷ ଧରି ମାୟା ନଗରୀ ମୁମ୍ବାଇରେ ରହୁଥିବା ରାମ ବୁଧବାର କେନ୍ଦୁଝରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ବେଳେ 'ଧରିତ୍ରୀ'କୁ ତାଙ୍କର ଅନୁଭୂତି ବଖାଣିଥିଲେ।

ଗରିବ ପରିବାରରେ ତାଙ୍କର ଜନ୍ମ। ବାପା ଶିବ ସିର୍କା କାମ ଅନ୍ୱେଷଣରେ ୧୯୭୪ରେ ଟାଟା ନଗର ଚାଲିଯାଇଥିଲେ।



ପ୍ରଭୁ ଦେବାଙ୍କ ସହ ରାମ ସିର୍କା।

ସେଠାରେ ରାମ ପାଠ ପଢ଼ା ସହିତ ମାର୍ଶଲଆର୍ଟ୍ ଶିକ୍ଷା ନେଇ ବ୍ଲାକ ବେଲ୍ଟ ପାଇଥିଲେ। ଏହି ଖେଳ ଦିନେ ତାଙ୍କ ଭବିଷ୍ୟତ ବଦଳାଇଦେବ ତାହା ସେ ଜାଣି ନ ଥିଲେ। ପିଲା ଦିନରୁ ଅଭିନୟ କରିବାର ଆଶା ଥିଲେ ହେଁ ପରିବାରର ଅଭାବ ଅନଟନ ଯୋଗୁ ତାଙ୍କୁ ବହୁତ କଷ୍ଟ କରିବାକୁ ପଡ଼ିଥିଲା। ତେବେ ଗ୍ରାଜୁଏସନ ପରେ ସ୍ୱପ୍ନକୁ ସାକାର କରିବା ପାଇଁ ୨୦୦୫ରେ ମୁମ୍ବାଇ ଚାଲିଯାଇଥିଲେ। ସେଠାରେ ମାର୍ଶଲ ଆର୍ଟରେ ପ୍ରଶିକ୍ଷଣ ଦେଇ ରୋଜଗାର କରୁଥିଲେ। ଭାଗ୍ୟ ବଦଳିଯାଇଥିଲା ଯେତେବେଳେ ଏହି ଆର୍ଟ ଶିଖିବା ପାଇଁ ନାମୀଦାମୀ ଲୋକ ଆସିଲେ। ପରବର୍ତ୍ତୀ ସମୟରେ ନବକୁମାର ରାଜୁ ନାମକ ଜଣେ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଗୁରୁ ଭାବେ ଗ୍ରହଣ କରିନେଇଥିଲେ। କିଛି ବର୍ଷ ପରେ ବଲିଉଡ୍ ଅଭିନେତା ଅଭିନେତ୍ରୀଙ୍କର ଫିଟନେସ ଟ୍ରେନର ଭାବରେ କାମ କରିବାକୁ ସୁଯୋଗ ପାଇଲେ। ପରେ ହିନ୍ଦୀ ସେନେମା ଦବଙ୍ଗ ୩ , ମର୍ଦ କୋ ଦର୍ଦ ନେହିଁ ହୋତା ଭଳି ହିନ୍ଦି ସିନେମା ଏବଂ ମାଲାୟଲମର ଦ କୁଙ୍ଗୁ ମାଷ୍ଟର, ଆକ୍ସନ ହିରୋ ବୁଜୁ ଆଦି ସିନେମାରେ ଅଭିନୟ କରିବାର ସୁଯୋଗ ପାଇଥିବା କହିଛନ୍ତି। ଏହା ସହିତ ସେ ବହୁ ରିଆଲିଟି ଶୋ, ସିରୟଲରେ ମଧ୍ୟ ଅଭିନୟ କରିବାର ସୁଯୋଗ ପାଇଥିଲେ। ମୁମ୍ବାଇରେ ଏଥିପାଇଁ ତାଙ୍କୁ ଦୀର୍ଘ ବର୍ଷ ଧରି ବହୁ ଉଦ୍ୟମ ଓ ସଂଘର୍ଷ କରିବାକୁ ପଡ଼ିଥିବା କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆସୁ ଆସୁ କହିଦେଲୁ ଏତିକିରେ ହିଁ ଛିଡ଼ିଗଲୁ।**

ସବୁ କହିବ କିନ୍ତୁ ଲୋକଙ୍କୁ ତାଙ୍କ ମରମ କଥା କହିବ ନାହିଁ। ମରମ ଭେଦି କଥା ଶୁଣିଲେ ଅନେକଙ୍କ ମନରେ ଏକ ପ୍ରକାର ବିତୃଷ୍ଣା ଭାବ ଆସିଯାଏ। କଥାଟା ଯେତେ ସତ ବା ବାସ୍ତବ ହୋଇଥିଲେ ମଧ୍ୟ ଲୋକେ ତାହାକୁ ସହଜରେ ଗ୍ରହଣ କରିପାରି ନ ଥାନ୍ତି। ଅପ୍ରିୟ କଥା ସମ୍ପର୍କରେ ଫାଟ ସୃଷ୍ଟି କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆ ପଛକୁ ଯା ପଛକୁ ହାବୁଡ଼ି ଗଲି ତାଳ ଗଛକୁ।**

ପରିସ୍ଥିତିରେ ପଡ଼ି ଜଣେ ଏପାଖ ସେପାଖ ହେବାରେ ମଧ୍ୟ ପ୍ରତିବନ୍ଧକ ଆସେ। ବେଳେବେଳେ ମଣିଷ କ'ଣ କରିବ କ'ଣ ନ କରିବ କିଛି ସ୍ଥିର କରି ପାରି ନ ଥାଏ। ହଁ, ନାହିଁ ଭିତରେ ଘାଣ୍ଟି ହୋଇ କିଛି କୂଳ କିନାରା ପାଇ ନ ଥାଏ। କିଛି ବୁଦ୍ଧି ବାଟ ନ ପାଇ ଦ୍ୱନ୍ଦ୍ୱରେ ପଡ଼ି ଘାରି ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

**ଗ୍ୟାରେଜ ତାଲା ଭାଙ୍ଗି ମୋବିଲ ଚୋରି**

ଟିଗିରିଆ, (ଡି.ଏନ୍.ଏ.) - ଟିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା କଲେଜ ଛକରେ ଥିବା ଏକ ଗ୍ୟାରେଜ ଦୋକାନ ଘର ତାଲା ଭାଙ୍ଗି ଭିତରେ ଥିବା ମୋବିଲ ଚୋରି ହୋଇଛି। ଏନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ନୂଆପାଟଣା ଗ୍ରାଡ଼ସାହିର ଭାଗୀରଥି ସାହୁ ଏହି ଗ୍ୟାରେଜରେ ୪୦ ହଜାର ଟଙ୍କାର ମୋବିଲ ବିକ୍ରି ପାଇଁ ରଖିଥିଲେ। ମାତ୍ର ଦୁର୍ବୃତ୍ତମାନେ ବୁଧବାର ରାତିରେ ଏହାକୁ ଚୋରି କରିନେଇଛନ୍ତି। ସକାଳେ ଦୋକାନ ଖୋଲାଥିବା ଦେଖି ସେ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ତଦନ୍ତକାରୀ ଅଧିକାରୀ ଡି.ଏନ୍. ସ୍ୱାଇଁ କହିଛନ୍ତି।

## ସଂକ୍ଷେପରେ

### ବିଶ୍ୱ ଯକ୍ଷ୍ମା ସପ୍ତାହ ପାଳିତ

କଟକ ଅଫିସ, ୨୫।୩- ସାମାଜିକ ସଙ୍ଗଠନ ଉତ୍କଳ ସେବକ ସମାଜ ପକ୍ଷରୁ ବିଶ୍ୱ ଯକ୍ଷ୍ମା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଗତ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଗାଡ଼ି ଦ୍ୱାରା ଖୋର୍ଦ୍ଧାଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଡ୍ରାଇଭର ଓ କ୍ଲିନରଙ୍କ ଡାଇବେଟିସ୍, ଚକ୍ଷୁ ଓ ରକ୍ତଚାପ ପରୀକ୍ଷା କରାଯାଇଥିଲା। ଏଥିସହ ଅଭିଜ୍ଞ ଡାକ୍ତର, ଲ୍ୟାବ୍, ଟେକ୍ନିସିଆନ ଓ ଫାର୍ମାସିଷ୍ଟଙ୍କ ଦ୍ୱାରା ଏଚ୍ଆଇଭି ଓ ଏଡ୍ସ, ଟିବି ଏବଂ କରୋନା ଉପରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ କେତେଜଣ ବ୍ୟକ୍ତିଙ୍କ କଫ ସଂଗ୍ରହ କରି ପରୀକ୍ଷା ନିମନ୍ତେ ପଠାଇବା ସହ ଔଷଧ ବଣ୍ଟନ କରାଯାଇଥିଲା। ଉଦ୍ଯାପନ କାର୍ଯ୍ୟକ୍ରମରେ ସଙ୍ଗଠନ ସମ୍ପାଦକ ଅମୀୟ ଭୂଷଣ ବିଶ୍ୱାଳ ଯକ୍ଷ୍ମା ନିରାକରଣ ଦିଗରେ କାର୍ଯ୍ୟ କରିବା ପାଇଁ ଶପଥପାଠ କରାଇଥିଲେ। ନିର୍ଦ୍ଦେଶକ ଇଂ. ଅନ୍ୱୟ ଅଭିନବ, ପ୍ରଶାସନିକ ଅଧିକାରୀ ମଳୟ କୁମାର ଷଡଙ୍ଗୀ, ଡାକ୍ତର ଉତ୍ତମ ବିଶ୍ୱାଳ, ଉତ୍କଳ କେଶରୀ ଦାସ, ବିନାୟକ ନାୟକ, ଭାରତୀ ମୁଦୁଲି ଉପସ୍ଥିତ ଥିଲେ।

### ୫୦ ଶଯ୍ୟା ବିଶିଷ୍ଟ ଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଆଠଗଡ଼,୨୫।୩( ସ୍ୱ.ପ୍ର.) - ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ୫୦ ଶଯ୍ୟା ବିଶିଷ୍ଟ ଗୃହ ନିର୍ମାଣ ପାଇଁ ମଙ୍ଗଳବାର ଡାକ୍ତରଖାନା ପରିସରରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିପାଇଁ ୨ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଆଠଗଡ଼ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ ଏବଂ ପୂର୍ବତନ ଜିଲାପରିଷଦ ସଭ୍ୟ ନୃସିଂହ ଚରଣ ମହାପାତ୍ରଙ୍କ ଉପସ୍ଥିତିରେ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏ ସମ୍ପର୍କରେ ଉପଖଣ୍ଡ ଚିକିତ୍ସାଧିକାରୀ ଡ. ବିଜୟ କୁମାର ମିଶ୍ର କହିଛନ୍ତି, ଚିକିତ୍ସାଳୟର ଭିତ୍ତିଭୂମି ସୁଧାରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାମଧ୍ୟରେ ରୋଗୀଙ୍କୁ ସମୟୋପଯୋଗୀ ଅତ୍ୟାଧୁନିକ ସୁବିଧା ଯୋଗାଇ ଦେବାପାଇଁ ବ୍ୟବସ୍ଥା କରାଯାଉଛି।

### ଗୁହାଳକୁଳରେ ମା'ଶାରଳା ମନ୍ଦିର ପ୍ରତିଷ୍ଠା

ନିଆଳି,୨୫।୩(ଡି.ଏନ୍.ଏ): ନିଆଳି ବ୍ଲକ ଏରଞ୍ଚ ପଞ୍ଚାୟତ ଗୁହାଳକୁଳ ଗ୍ରାମରେ ମା'ଶାରଳାଙ୍କ ଏକ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୨୧ ତାରିଖ ଅଙ୍କୁରାରୋପଣ ଅଧିବାସ କର୍ମ, ୨୨ କଳସ ଯାତ୍ରା ଓ ଅଗ୍ନିସ୍ଥାପନ, ୨୩ କ୍ଷେତ୍ର ପରିକ୍ରମା ଯଜ୍ଞ ଓ ମାର୍ଜନା ଶେଷରେ ୨୪ ତାରିଖ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ନବଯୌବନ ଦର୍ଶନ ଆଦି କାର୍ଯ୍ୟ ସମାପିତ ହୋଇଛି। ପ୍ରତ୍ୟହ ସନ୍ଧ୍ୟାରେ ସତ୍ସଙ୍ଗ କାର୍ଯ୍ୟକ୍ରମରେ ପୁଣ୍ୟ ଉତ୍କଳର ଅଧକ୍ଷ ମନୋରଞ୍ଜନ ମହାପାତ୍ର, ଆନ୍ତଃରାଷ୍ଟ୍ରୀୟ ଗୀତା ମିଶନର ଅଧକ୍ଷ ସ୍ୱାମୀ ଡ. ଚିଦାନନ୍ଦ ବ୍ରହ୍ମଚାରୀ, ପୌରୁଷର ସମ୍ପାଦକ ଅସିତ ମହାନ୍ତି, ଜଗନ୍ନାଥ ସଂସ୍କୃତି ଗବେଷକ ଡ.ହରିହର କାନୁନଗୋ ପ୍ରମୁଖ ଯୋଗଦେଇ ଭାରତୀୟ ସଂସ୍କୃତିରେ ଶକ୍ତିତ୍ୱ ଓ ଝଙ୍କଡ ଶାରଳାଙ୍କର ମହିମା ସମ୍ପର୍କରେ ଆଲୋଚନା କରିଥିଲେ। ଉଦ୍ଯାପନୀ ସନ୍ଧ୍ୟାରେ ସଙ୍ଗୀତ ସାଧନା ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ମା' ଶାରଳା ମନ୍ଦିର ଟ୍ରଷ୍ଟର ସଭାପତି ଅଧ୍ୟାପକ ଚିନ୍ମୟ ଦାସ, ଉପସଭାପତି ପ୍ରଦୀପ ଭଞ୍ଜ, ପ୍ରଫୁଲ୍ଲ ସ୍ୱାଇଁ, ବିଷ୍ଣୁଚରଣ ସାହୁ, ନକୁଳ ସାହୁ, ମନୋରଞ୍ଜନ ସାହୁ, ଧରଣୀଧର ନାୟକ, ପ୍ରଶାନ୍ତ ଲେଙ୍କା, ଦେବୀପ୍ରସାଦ ସ୍ୱାଇଁ, ଡ. ରାମଚନ୍ଦ୍ର ପଣ୍ଡା, ହୃଦାନନ୍ଦ ସ୍ୱାଇଁ, କୃଷ୍ଣଚନ୍ଦ୍ର ସାହୁ, ସଚ୍ଚିଦାନନ୍ଦ ସାହୁ ଉପସ୍ଥିତ ଥିଲେ।

# ଗଞ୍ଜେଇ ଚାଲାଣବେଳେ ୩ ମହିଳା ଗିରଫ

■କନ୍ଧମାଳରୁ ଭୁବନେଶ୍ୱର ଦେଇ କୋଲକାତା ଯାଉଥିଲା

■ଚୋରା ଚାଲାଣର ମାଧ୍ୟମ ପାଲଟିଛି ବସ୍

ଭୁବନେଶ୍ୱର,୨୫।୩(ବ୍ୟୁରୋ)

କନ୍ଧମାଳରୁ ଭୁବନେଶ୍ୱର ଦେଇ କୋଲକାତାକୁ ଚାଲାଣ ହେଉଛି ଗଞ୍ଜେଇ। ଟ୍ରେନ୍‌ରେ ଯାଞ୍ଚ କଡ଼ାକଡ଼ି ହେବା ପରେ ଏବେ ବସ୍ ହିଁ ଏହି ଚୋରା ଡ୍ରଗ୍ସ କାରବାରର ମୁଖ୍ୟ ମାଧ୍ୟମ ପାଲଟିଛି। ପୁଣି ପୋଲିସ ନଜରରୁ ବର୍ତ୍ତିବା ପାଇଁ ଏହି ର୍‍ୟାକେଟରେ ମହିଳାଙ୍କୁ ସାମିଲ କରାଯାଉଛି। ଡ୍ରଗ୍ସ ମାଫିଆମାନେ ମହିଳାମାନଙ୍କୁ ବିଶେଷକରି ଚାଲାଣରେ ନିୟୋଜିତ କରୁଛନ୍ତି। କୋଲକାତାକୁ ଗଞ୍ଜେଇ ଚାଲାଣବେଳେ ଗୁରୁବାର ଭରତପୁର ଥାନା ପୋଲିସ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ୩ଜଣ ମହିଳାଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ବର୍ଦ୍ଧମାନର ଶ୍ରୀୟା ଶ୍ରୀ (୫୫) ଓ ଖାତୁନ ବିବି(୭୫) ଏବଂ କନ୍ଧମାଳ ଜିରିଙ୍ଗପଡ଼ାର ସରସ୍ୱତୀ ନାୟକ(୭୦) । ପୋଲିସ ସେମାନଙ୍କ ନିକଟରୁ ୨ଟି ବସ୍ତାରେ ଥିବା ୩୦ କିଗ୍ରା ଗଞ୍ଜେଇ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ। ସେମାନଙ୍କୁ ପଚରାଉଚରାବେଳେ ପୋଲିସ ବହୁ ତଥ୍ୟ ପାଇଛି। ସୂଚନା ଅନୁଯାୟୀ, ୩ଜଣ ମହିଳା ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ସନ୍ଦେହଜନକ ଅବସ୍ଥାରେ ରହିଥିବା ଓ ସେମାନଙ୍କ ପାଖରେ ଗଞ୍ଜେଇ ଥିବା ସୂଚନା ପାଇବା ପରେ ଭରତପୁର ଥାନା ପିସିଆର ପୋଲିସ ସେଠାରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ସେମାନେ ଖସି ଯିବାକୁ ଉଦ୍ୟମ କରିବାବେଳେ ଧରାପଡିଥିଲେ। ଯାଞ୍ଚ କରିବାରୁ ତାଙ୍କ ପାଖରେ ଦୁଇଟି ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା। ପୋଲିସ ସେମାନଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ସରସ୍ୱତୀ ଫୁଲବାଣୀରୁ ଏହି ଗଞ୍ଜେଇ ବସ୍‌ରେ ଆଣିଥିଲେ। ପୂର୍ବ ଯୋଜନା ମୁତାବକ ପଶ୍ଚିମବଙ୍ଗର ଶ୍ରୀୟା ଓ ଖାତୁନ ତାଙ୍କଠାରୁ ଗଞ୍ଜେଇ ନେବା ପାଇଁ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିଲେ। ସରସ୍ୱତୀ ସେମାନଙ୍କୁ ଗଞ୍ଜେଇ ହସ୍ତାନ୍ତର କରି ଫେରି ଯାଇଥାନ୍ତେ। ଏହି ଚାଲାଣ ବାବଦକୁ ଅଭିଯୁକ୍ତ ମହିଳାମାନେ ମୁଖ୍ୟ ଚାଲାଣକାରୀଙ୍କ ନିକଟରୁ ପାଉଣା ମଧ୍ୟ ନେଇଥିଲେ। ତେବେ ର୍‍ୟାକେଟର ମାଷ୍ଟରମାଇଣ୍ଡ୍ ଓ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ତଦନ୍ତ ଆରମ୍ଭ କରିଛି।

## ଶୂକ ପାଇକା ମତ୍ସ୍ୟଦିଆ ନିଲାମ ବାତିଲ ପାଇଁ ଦାବିପତ୍ର

କଟକସଦର,୨୫।୩(ଡି.ଏନ୍.ଏ.)

କିଶନନଗର ତହସିଲ କାର୍ଯ୍ୟାଳୟ ତରଫରୁ ୨୦୨୧-୨୨ ଆର୍ଥିକ ବର୍ଷ ଲାଗି ବୋଧପୁର ଗ୍ରାମ ଶୂକ ପାଇକା ଘୋରି ମତ୍ସ୍ୟଦିଆ ନିଲାମ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ନିଲାମକୁ ଉତ୍କଳ ବିକାଶ ପରିଷଦ ବିରୋଧ କରି ଏହାକୁ ବାତିଲ କରିବା ପାଇଁ ଗୁରୁବାର କଟକ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପରିଷଦର ସଭାପତି ଇଂ.ପ୍ରକାଶ ଚନ୍ଦ୍ର ସେଠୀ ଓ ଅନ୍ୟ ସଦସ୍ୟମାନେ କଟକସ୍ଥିତ ଉପଜିଲାପାଳ ପ୍ରତାପଚନ୍ଦ୍ର ବେଉରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। କାରଣ ଲଗାଣ ବର୍ଷା ସମୟରେ ଆୟଉପୁର, ଅରିଣା, ଯଶପଡ଼ା, ଅରିଲୋ, ତେଲଦିଆ, ବାଲିଶୁକ୍ରିର ଚାଷଜମି ପ୍ରବାହିତ ହୋଇଥାଏ। ମାତ୍ର ମତ୍ସ୍ୟଦିଆ ନିଲାମ ବ୍ୟକ୍ତି ବୋଧପୁର ନିକଟ ଶୂକପାଇକାରେ ଆଡ଼ିବନ୍ଧ କରିବା ଦ୍ୱାରା ପାଣି ଠିକ୍ ଭାବେ ନିଷ୍କାସିତ ହୋଇପାରେ ନାହିଁ। ୨୦୨୦ ଅଗଷ୍ଟରେ ଜିଲାପାଳ ଭବାନୀଶଙ୍କର ଚୟନୀ ବାରାପାଟ ବୁଲି ଆସି ଚାଷୀମାନଙ୍କଠାରୁ ଜଳ ନିଷ୍କାସନର ଅସୁବିଧା କଥା ବୁଝିଥିଲେ। ଏପରିକି ମତ୍ସ୍ୟଦିଆ ଆଉ ନିଲାମ ନ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଥିଲେ। ଜିଲାପାଳଙ୍କ ସହ ଆଲୋଚନା କରି ଯାହା କିଛି ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ବେଉରା ପ୍ରତିଶ୍ରୁତି ଦେଇଥିବା କଥା ଇଂ. ସେଠୀ ଗଣମାଧ୍ୟମକୁ କହିଛନ୍ତି।




ଶ୍ରୀରାମଚନ୍ଦ୍ର ଭବନରେ ପ୍ରାଧ୍ୟାପିକ ଆଲୋକିନୀ ପଟ୍ଟନାୟକଙ୍କ ଆଧ୍ୟାତ୍ମିକ ପୁସ୍ତକ 'ନିତ୍ୟପାଠ୍ୟ ଶ୍ରୀମଦ୍ ଭଗବତ୍ ଗୀତା' ଓ 'ଶ୍ରୀ ଶ୍ରୀ ମଧୁମୟୀ ଚଣ୍ଡୀ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

## ଏସ୍‌ସିବି ମୌଳିକ ସମସ୍ୟା ଦୂର ନ ହେଲେ ଆନ୍ଦୋଳନ

କଟକ ଅଫିସ, ୨୫।୩:

ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। କିନ୍ତୁ ଅଦ୍ୟାବଧି ଏସ୍‌ସିବିର ମୌଳିକ ସମସ୍ୟା ଦୂର ହୋଇପାରିନାହିଁ। ଦୈନିକ ଶହ ଶହ ରୋଗୀ ଦୂରଦୂରାନ୍ତରୁ ଏଠାକୁ ଆସୁଛନ୍ତି। କିନ୍ତୁ ଏଠାରେ ସମସ୍ତଙ୍କୁ ଶଯ୍ୟା ମିଳୁନାହିଁ। ସେହିଭଳି ପାଣି ଓ ପରିମଳ ସମସ୍ୟା, କର୍ମଚାରୀଙ୍କ ଅସହଯୋଗ, ସିଟିସ୍କାନ୍‌ରେ ବିଳମ୍ବ, ଦଲାଲରାଜ ଭଳି ନାନା ସମସ୍ୟା ଲାଗିରହିଛି ବୋଲି କଟକ ମହାନଗର ଅଧୀନ ୩୪ ନମ୍ବର ୱାର୍ଡ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ଗୁରୁବାର ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲ୍‌ର ସୁପରିଣ୍ଟେଣ୍ଡେଣ୍ଟ ଲୁସି ଦାଶଙ୍କୁ ସ୍ମାରକପତ୍ର ଦିଆଯାଇଛି। ଯଦି ମାସକ ଭିତରେ ଏହି ସବୁ ସମସ୍ୟାର ସମାଧାନ ନ କରାଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବା ସହ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଯୁବ ଭାଜପା ନେତା ସୁରେଶ ମହାନ୍ତିଙ୍କ ନେତୃତ୍ୱରେ ସ୍ମୃତିରଞ୍ଜନ ମିଶ୍ର, ମନୋଜ କୁମାର ବେହେରା, ସଞ୍ଜିବ ଶୁକ୍ଳା, ବାପୁଜୀ କର, ଶିବୁନା ସ୍ୱାଇଁ, ପୃଥ୍ୱୀରାଜ ବେହେରା, ମଣ୍ଟୁ ସାହୁ, ଦିବାକର ସାହୁ, ଶିବପ୍ରସାଦ ସେଠୀ ପ୍ରମୁଖ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଜଳ ସମ୍ପଦ ସଂରକ୍ଷଣ ଉପରେ ଗୁରୁତ୍ୱ

କଟକ ଅଫିସ, ୨୫।୩

କୃଷିକୁ ଜଳସେଚନ, ଶକ୍ତି ପରିବହନ କ୍ଷେତ୍ରରେ ବ୍ୟବହୃତ ଜଳର ଅପପ୍ରୟୋଗ, କଳକାରଖାନାର ଦୂଷିତ ପଦାର୍ଥ ଓ କୀଟନାଶକ ଜଳରେ ମିଶିବା ଦ୍ୱାରା ଜଳ ପ୍ରଦୂଷିତ ହେଉଛି। ଆଗାମୀ ଦିନରେ ଏହାର ପରିଣାମ ଭୟାବହ ହେବ। ଏଣୁ ଜଳସମ୍ପଦର ଉପଯୁକ୍ତ ସଂରକ୍ଷଣ ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି ମହାନଦୀ ବିହାରଠାରେ ବିଶ୍ୱ ଜଳ ଦିବସ ଅବସରରେ ଆୟୋଜିତ ସଭାରେ ପରିବେଶବିତ୍ ଡ. ଅର୍ଜୁନ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ପ୍ରଫେସର ଡ. ଆଶୁତୋଷ ଦେବତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଇପିୟନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ଗୋପାଳକୃଷ୍ଣ ପଣ୍ଡା ଯୋଗଦେଇ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଟ୍ରଷ୍ଟ ନିର୍ଦ୍ଦେଶକ ଡ. ମିତା ଦେବତା, ଡ. ଅଭିତୋଷ ଦେବତା, ଡ. ମୋନାଲିସା ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ଦାସ, ଗଙ୍ଗାଧର ସାହୁ, ଦିଲୀପ କୁମାର ରାଉତ, ମାନସ ରଞ୍ଜନ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ହିରଣ୍ମୟୀ ସାମଲ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶାରୁ ଗାନ୍ଧୀଙ୍କ ସ୍ୱପ୍ନ ପୂରଣ ପାଇଁ ପ୍ରୟାସ ଆରମ୍ଭ ହେଉ: ସଞ୍ଜୟ ସିଂହ

କଟକ ଅଫିସ,୨୫।୩

ମଧ୍ୟପ୍ରଦେଶରେ ଗାନ୍ଧିଜୀଙ୍କ ଫଟୋକୁ ଗୁଳି ମରାଯାଉଥିବା ବେଳେ ଶହେ ବର୍ଷ ତଳେ କଟକ ଆସିଥିବା ସେହି ମହାତ୍ମାଙ୍କ ସ୍ମୃତିରେ ଓଡ଼ିଶା ଉତ୍ସବମୁଖର ହୋଇଉଠିଛି। ଓଡ଼ିଶାବାସୀ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ନିର୍ମାଣ ପାଇଁ ନେତୃତ୍ୱ ନିଅନ୍ତୁ ବୋଲି ଦରଘାବଜାର ଜେଲପଡ଼ିଆରେ ଗୁରୁବାର ଗାନ୍ଧୀ ଚିତ୍ର ପ୍ରଦର୍ଶନୀର ଚତୁର୍ଥ ସନ୍ଧ୍ୟାରେ ଯୋଗଦେଇ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ସମ୍ପାଦକ ସଞ୍ଜୟ ସିଂହ କହିଛନ୍ତି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ରାଷ୍ଟ୍ରୀୟ ଯୁବା ସଙ୍ଗଠନ ଏବଂ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜଷ୍ଟିସ ମନୋରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିଲେ। ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଉତ୍କଳ ଗାନ୍ଧୀ ସ୍ମାରକ ନିଧିର କାର୍ଯ୍ୟକାରୀ ସଭାପତି ଡ. ସତ୍ୟ ରାୟ, ଲୋହିଆ ଏକାଡେମୀର ସମ୍ପାଦକ ଦେବ ପ୍ରସାଦ ରାୟ, ମାହାଙ୍ଗା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ସମ୍ପାଦକ ଅଶୋକ ରାଉତ, ରଘୁନାଥ ସାହୁ, ଜିଲା ଲୋକସମ୍ପର୍କ ଅଧିକାରୀ ଅଶୋକ ଷଡଙ୍ଗୀ, ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ହରିହର ସେନ ଧନ୍ୟବାଦ ଦେଇଥିଲେ।

## ବିଜେଡି କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ ଅଭିଯୋଗ

**ମୁଖ୍ୟମନ୍ତ୍ରୀଙ୍କୁ କଂଗ୍ରେସର ସ୍ମାରକପତ୍ର**

ଆଠଗଡ଼, ୨୫।୩(ସ୍ୱ.ପ୍ର.)

ସରକାରୀ ଯୋଜନାରେ ହିତାଧିକାରୀମାନଙ୍କୁ ବିଜେଡି କାର୍ଯ୍ୟାଳୟରେ ଭତ୍ତା ବଣ୍ଟନକୁ ଆଠଗଡ଼ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଭଙ୍ଗ ପରେ ଉପଜିଲାପାଳ ଏହାର ପ୍ରଶାସନିକ ଅଧିକାରୀ ଥାଇ ଏଭଳି ଏକ ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେବାକୁ ନାପସନ୍ଦ କରାଯାଇଛି। ସାମାଜିକ ନିରାପତ୍ତା ଯୋଜନା ଆଧାରରେ ବାର୍ଦ୍ଧକ୍ୟ, ବିଧବା ଭତ୍ତାକୁ ଆଠଗଡ଼ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, କିରାଣି ନିରଞ୍ଜନ ଦାସ ବିଜେଡି କାର୍ଯ୍ୟାଳୟ ସୂର୍ଯ୍ୟଭବନରେ ଦଳୀୟ ନେତା, କର୍ମୀମାନଙ୍କ ଗହଣରେ ବଣ୍ଟନ କରିଛନ୍ତି। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଆଠଗଡ଼ କଂଗ୍ରେସର ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ ସ୍ମାରକପତ୍ର ପଠାଇଛନ୍ତି। ଏ ସମ୍ପର୍କରେ ସେ ଇ-ମେଲ୍ ଯୋଗେ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ, କଟକ ଜିଲାପାଳଙ୍କୁ ଅବଗତ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଦଳୀୟ କର୍ମୀ ଭଳି ଭୋଟରମାନଙ୍କୁ ସିଧାସଳଖ ପ୍ରଭାବିତ କରୁଥିବା ଅଭିଯୋଗ ହୋଇଛି। ଆଠଗଡ଼ କଂଗ୍ରେସ ପକ୍ଷରୁ ଆଇନଗତ ଦିଗକୁ ତର୍ଜମା କରି ଅଦାଲତର ଆଶ୍ରୟ ନେବା ସହ ଆଗାମୀଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ସାହୁ, ଅଶୋକ କୁମାର ଦାଶ, ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଦଳୀୟ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ।

## କଟକଣା ମଧ୍ୟରେ ହେବ ଦୋପଟୀ ମେଳଣ

ନିଆଳି,୨୫।୩(ଡି.ଏନ୍.ଏ):

ନିଆଳି ବ୍ଲକ ଦେବୀକନ୍ଦଳ ଦ୍ୱୀପାଞ୍ଚଳ କସରଦାଠାରେ ଅନୁଷ୍ଠିତ ହେଉଥିବା ଓଡ଼ିଶା ପ୍ରସିଦ୍ଧ ଦୋପଟୀ ମେଳଣ କୋଭିଡ୍ କଟକଣାରେ ପାଳିତ ହେବାପାଇଁ ନିଷ୍ପତ୍ତି ହୋଇଛି। ଏହି ମେଳଣ ବନ୍ଦ ହେବାପାଇଁ ପୂର୍ବରୁ ଦୋଳଗୋବିନ୍ଦ କମିଟି ଓ ପ୍ରଶାସନ ତରଫରୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ୧୮୯୮ ମସିହାରୁ ଚାଲି ଆସିଥିବା ଏହି ମେଳଣ ବନ୍ଦ ନିଷ୍ପତ୍ତିରେ ଜନଅସନ୍ତୋଷ ଦେଖାଦେବା ସହ ପରମ୍ପରାକୁ ବଜାୟ ରଖିବାକୁ ଦାବି ହେବାପରେ ପ୍ରଶାସନ ଓ କମିଟି ତରଫରୁ ଗୁରୁବାର ନିଆଳି ଥାନାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନିଆଳି ତହସିଲଦାର ବିଦ୍ୟାଧର ପତି, ସଦର ଏସ୍‌ଡିପିଓ ସୁବାସଚନ୍ଦ୍ର ପଣ୍ଡା, ନିଆଳି ଥାନାଧିକାରୀ ବିଜୟ ମଲ୍ଲିକ, ଦୋଳଗୋବିନ୍ଦ କମିଟି ସଭାପତି ଅଧିକାରୀ ସୁବାସ ଚନ୍ଦ୍ର ମହାପାତ୍ର, ଶଶିଶେଖର ମହାପାତ୍ର, ବଳଭଦ୍ର ମିଶ୍ର, ସରୋଜ ସ୍ୱାଇଁ, ସନ୍ତୋଷ ରାୟ, ବ୍ରଜ ବନ୍ଧୁ ମୁଦୁଲି, ବେଣୁଧର ସ୍ୱାଇଁ, ଅର୍ନ୍ନଦା ପ୍ରସାଦ ମିଶ୍ର, ନିଶିକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ୬ଟି ନିଷ୍ପତ୍ତି ନିଆଯାଇ ମେଳଣ କରାଯିବାକୁ ସ୍ଥିର କରାଯାଇଥିଲା। ଏହି ଦୋପଟି ମେଳଣ ଏପ୍ରିଲ ୧ରେ ହେବ। କୋଭିଡ୍ କଟକଣା ମାନି ପ୍ରତ୍ୟେକ ଦୋଳ ବିମାନକୁ ୪ଜଣ ବାହକ ବହନ କରି ସକାଳ ୧୦ଟା ମଧ୍ୟରେ ମେଳଣ ପଡିଆରେ ପ୍ରବେଶ କରିବେ। ବିମାନକୁ ବେଦିରେ ସ୍ଥାପନ କରି ବାହକମାନେ ଅପସାରିତ ହୋଇଯିବେ । ପ୍ରତି ଦୋଳ ବିମାନରେ ଜଣେ ପୂଜକ ଉପସ୍ଥିତ ରହିବେ। ଥାନପତି ସକାଳ ୮ଟା ମଧ୍ୟରେ ମେଳଣ ପଡ଼ିଆରେ ବିରାଜମାନ ହେବେ। ଦିବା ୧୨ଟା ମଧ୍ୟରେ ସମସ୍ତ ନୀତିକାନ୍ତି ସମାପନ ହେବା ପରେ ଥାନପତିଙ୍କ ସହ କ୍ରମାନ୍ୱୟରେ ଗୋଟିଏ ପରେ ଗୋଟିଏ ଦୋଳବିମାନ ହରିହର ଭେଟ କରି ନିଜ ବିଜେସ୍ଥଳୀକୁ ପ୍ରତ୍ୟାବର୍ତ୍ତନ କରିବେ। ମେଳଣ ପଡିଆରେ କୌଣସି ଦୋକାନ ବଜାର ଓ ବାହାର ଜନସାଧାରଣଙ୍କ ପ୍ରବେଶକୁ ବାରଣ କରାଯିବ। ଦୋଳ ବିମାନ ଆସିବା ସମୟରେ କୌଣସି ଶୋଭାଯାତ୍ରା ଆତସବାଜି ଆଦି କରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଛି।

## ଭର୍ଚୁଆଲ ବିଜ୍ଞାନ ମେଳା: ୨୦ ପ୍ରକଳ୍ପ ପ୍ରଦର୍ଶିତ

ବାଙ୍କୀ,୨୫।୩(ସ୍ୱ.ପ୍ର.)

ବାଙ୍କୀ ଉପଖଣ୍ଡ ଡମପଡା ବ୍ଲକ ଶିକ୍ଷା ବିଭାଗ ଅଧିକାରିଣୀଙ୍କ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଭର୍ଚୁଆଲ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଡମପଡା ଶିକ୍ଷା ଅଧିକାରୀ ପ୍ରିୟମ୍ବଦା ନନ୍ଦ ଭର୍ଚୁଆଲ ମାଧ୍ୟମରେ ମେଳାକୁ ଉଦଘାଟନ କରିଥିଲେ। ପ୍ରାଧ୍ୟାପକ ମନୋଜ ମହାପାତ୍ର ଓ କିଶୋର କୁମାର ସ୍ୱାଇଁ ବିଚାରକ ଭାବେ ଯୋଗଦେଇ ଥିଲେ। ସର୍ବଶ୍ରେଷ୍ଠ ୫ଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ସାମିଲ ହେବା ପାଇଁ ମନୋନୀତ ହୋଇଥିଲା। ଅତିରିକ୍ତ ଶିକ୍ଷା ଅଧିକାରୀ ଅଶୋକ ପଟ୍ଟନାୟକ, ବିଆରସିସି ଗଦାଧର ପ୍ରଧାନ ଓ ଦୀପକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୯ ବେଢ଼ା ଆଞ୍ଚଳିକ ରାଜଦୋଳ ଆରମ୍ଭ

ଖୁଣ୍ଟୁଣୀ,୨୫।୩(ଡି.ଏନ.ଏ)

ଆଠଗଡ଼ର ୯ ବେଢ଼ାରେ ରାଜଦୋଳ ପର୍ବ ଗୁରୁବାରଠାରୁ ଆରମ୍ଭ ହୋଇଛି। ରାଜାରାଜୁଡ଼ା ଅମଳରୁ ପାଳିତ ହୋଇଆସୁଥିବା ଏହି ଆଞ୍ଚଳିକ ରାଜଦୋଳ ମେଳଣ ପାଇଁ ମହାସଭା ପକ୍ଷରୁ ଶନିବାର ଦ୍ୱାଦଶ ବାର୍ଷିକ ପ୍ରସ୍ତୁତି ଆଞ୍ଚଳିକ ରାଜଦୋଳ ସମନ୍ୱୟ ସମ୍ମିଳନୀ ଓ ଶ୍ରୀ ଗୋପୀନାଥ ଦେବ ମନ୍ଦିର ପରିଚାଳନା କମିଟି କୁମାରପୁର ଶାସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାଜଦୋଳ କମିଟି ସଭାପତି ବଂଶୀଧର ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ କୋଭିଡ କଟକଣା ମଧ୍ୟରେ ଦୋଳ ବିମାନ ଯାତ୍ରା ସମ୍ପନ୍ନ ହେବା ନେଇ ଆଲୋଚନା ହୋଇଥିଲା। ଗୁରୁବାର ପବିତ୍ର ଫଗୁ ଦଶମୀରେ ଖମାରନୂଆଗାଁଠାରୁ ଏହି ଯାତ୍ରା ଆରମ୍ଭ ହୋଇଛି। ଖମାରନୂଆଗାଁର ଗୋପୀନାଥ ଜୀଉ, କୁମାରପୁରର ଦଧିବାମନ ଦେବ, କୁମାରପୁର ଶାସନର ଗୋପୀନାଥ ଦେବ, ଗୋବରାର ଦଧିବାମନ ଜୀଉ, ଗୋବରା ଶାସନର ଗୋପାଳ ଦେବ, ବାଳିର ଦଧିବାମନ ଜୀଉ, ବାଳି ଶାସନର ଗୋପାଳ ଦେବ, ଗୁରୁଡ଼ିଝାଟିଆର ମଦନମୋହନ ଜୀଉ ଓ କପୁରସିଂ ଗ୍ରାମର ତୃତୀୟା ଦେବ ପ୍ରଭୃତି ୯ଟି ଗ୍ରାମର ଠାକୁରମାନେ ଖମାରନୂଆଗାଁ, ଗୋବରା, ବାଳି, ଗୁରୁଡ଼ିଝାଟିଆ ଓ କୁମାରପୁର ଆଦି ଗ୍ରାମରେ ଯାତ୍ରା କରି ଶ୍ରଦ୍ଧାଳୁଙ୍କଠାରୁ ଭୋଗ ଖାଇଛନ୍ତି। ୨୭ତାରିଖି କୁମାରପୁର ଯାତ୍ରାରେ ପରମ୍ପରା ଅନୁଯାୟୀ ଅତିଥି ଠାକୁର ଭାବେ ବଡପଦାଗାଁର ରାଧାଗୋବିନ୍ଦ ଦେବ ଅନ୍ୟ ଠାକୁରମାନଙ୍କ ସହିତ ଯୋଗଦେବେ । ୨୮ ତାରିଖ ପୂର୍ଣ୍ଣିମା ଦିନ ଗୁରୁଡ଼ିଝାଟିଆରେ ଯାତ୍ରା ଶେଷ କରି ଫେରିବା ବାଟରେ ଛଅଗାଁସ୍ଥିତ ସିଂହନାଥଙ୍କ ପୀଠରେ ସିଂହନାଥଙ୍କ ସହିତ ଗୋବରା, କୁମାରପୁର, ବାଳି ଆଦି ଗ୍ରାମ ଠାକୁରଙ୍କ ହରିହର ଭେଟ ଅନୁଷ୍ଠିତ ହେବ। ଏ ବର୍ଷ ୬ଟି ବିମାନ ଭେଟ ନୀତିରେ ସାମିଲ ହେବ ବୋଲି ସମନ୍ୱୟ କମିଟି ସାଧାରଣ ସମ୍ପାଦକ ସତ୍ୟବ୍ରତ ମହାପାତ୍ର ସୂଚନା ଦେଇଛନ୍ତି। ରାଜଦୋଳ ସମନ୍ୱୟ ସମ୍ମିଳନୀ ସାଧାରଣ ସମ୍ପାଦକ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଫକୀର ଚରଣ ନାୟକ, ବିଭୂତି ଭୂଷଣ ଦାଶ, ସୁକାନ୍ତ ପଣ୍ଡା, ଅରବିନ୍ଦ ମହାପାତ୍ର, ରବିନାରାୟଣ ଦାସ, ନିରଞ୍ଜନ ପଣ୍ଡା, ପରେଶ ପଣ୍ଡା, ନିରଞ୍ଜନ ପତ୍ରି, ସୁକଦେବ ବେହେରା, ମାନସ ପଣ୍ଡା, ଭୁବନେଶ୍ୱର ମିଶ୍ର, ନିରଞ୍ଜନ ରାଉତ, ବସନ୍ତ ସାହାଣୀ, ଗୋକୁଳାନନ୍ଦ ରାଉତ ଓ ଦେବୋତ୍ତର ସୁପରଭାଇଜର ଶଙ୍କର ପଣ୍ଡା, ବିଜୟ ମିଶ୍ର ଉପସ୍ଥିତ ଥିଲେ। କବି ପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।



## ଭାରତ ବନ୍ଦ ସଫଳ କରିବାକୁ ଶୋଭାଯାତ୍ରା, ବିକ୍ଷୋଭ

କଟକ ଅଫିସ, ୨୫।୩

କୃଷି ଆଇନ ପ୍ରତ୍ୟାହାର, ଶ୍ରମ ନିୟମ ବାତିଲ, ତୈଳ ଦର ବୃଦ୍ଧି ପ୍ରତ୍ୟାହାର ଆଦି ଦାବିରେ ଶୁକ୍ରବାର ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦକୁ ସଫଳ କରିବା ପାଇଁ ବିଭିନ୍ନ ଗଣସଙ୍ଗଠନ ପକ୍ଷରୁ ଗୁରୁବାର କଲେଜ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହା ପରେ ସଙ୍ଗଠନର ସଦସ୍ୟମାନେ ବାଇକ୍ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। କଲେଜ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ସାମ୍ନାରୁ ଉକ୍ତ ଶୋଭାଯାତ୍ରା ବାହାରି ରାଣୀହାଟ, ମଙ୍ଗଳାବାଗ, ମଣିସାହୁ ଛକ, ବକ୍ସିବଜାର, ତିନିକୋଣିଆ ବଗିଚା, ଗୌରୀଶଙ୍କର ପାର୍କ, ଚୌଧୁରୀବଜାର, ନନ୍ଦୀସାହି, ହରିପୁର ଦେଇ ଦୋଳମୁଣ୍ଡାଇ ଛକରେ ପହଞ୍ଚିଥିଲା। ଶୋଭାଯାତ୍ରାରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ପକ୍ଷରୁ କିଶୋର ଜେନା, ରବିନାରାୟଣ ମଲ୍ଲିକ, ବିଜୟ ଭୂଷଣ ପତି, ରାଜକିଶୋର ମଲ୍ଲିକ, ଅଭୟ ସ୍ୱାଇଁ, ଅମରେନ୍ଦୁ ମହାନ୍ତି, ବିନୋଦ ବେହେରା, ମନୋରଞ୍ଜନ ମହାରଣା, ବସନ୍ତ ନାୟକ, ଶୁଭଙ୍କର ଦାସ ଓ ଶିଶିର ଲେଙ୍କା ପ୍ରମୁଖ ସାମିଲ ଥିଲେ।




ଭାରତ ବନ୍ଦକୁ ସଫଳ କରିବା ପାଇଁ ବିଭିନ୍ନ ଗଣସଂଗଠନ ପକ୍ଷରୁ କଲେଜ ଛକଠାରେ ବିକ୍ଷୋଭ କରୁଛନ୍ତି ।

## ବିମାନରେ ଗ୍ରାମ ବୁଲିଲେ ଠାକୁର

ଚୌଦ୍ୱାର,୨୫।୩(ଡି.ଏନ୍.ଏ):

କରୋନା କଟକଣା ଭିତରେ ଚୌଦ୍ୱାରରେ ଗୁରୁବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି ରାଜଦୋଳ ମେଳଣ। ପରମ୍ପରା ଅନୁଯାୟୀ ଚୌଦ୍ୱାରର ୪୪ମଣ୍ଡଳ ରାଜଦୋଳର ପ୍ରଥମ ମେଳଣ ଶୁକ୍ଳପକ୍ଷ ଏକାଦଶୀ ସନ୍ଧ୍ୟାରେ ଆଗ୍ରାହାଟସ୍ଥିତ ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆରମ୍ଭ ହୋଇଛି। ଦଶମୀ ସନ୍ଧ୍ୟାରେ ଅଞ୍ଚଳର ବିଭିନ୍ନ ମଠ ମନ୍ଦିରରେ ଥିବା ଠାକୁରସବୁ ନିଜ ବିମାନରେ ବିରାଜମାନ କରିଥିଲେ। ଏକାଦଶୀ ଗୁରୁବାର ସକାଳୁ ବିମାନଗୁଡ଼ିକ ଆସ୍ଥାନ ଛାଡି ବିଭିନ୍ନ ସାହି ଓ ଗ୍ରାମରେ ଭକ୍ତମାନଙ୍କ ଘରେ ଭୋଗପାଇ ମେଳଣ ପଡ଼ିଆ ଅଭିମୁଖେ ବାହାରି ପଡ଼ିଛନ୍ତି । ବିଧି ମୁତାବକ ସମସ୍ତ ବିମାନ ଯାତ୍ରା ପଡ଼ିଆରେ ପହଞ୍ଚିବା ପରେ ରାଜଦୋଳ ସମିତି ଓ ସ୍ଥାନୀୟ ମେଳଣ ପରିଚାଳନା କର୍ତ୍ତୃପକ୍ଷଙ୍କଠାରୁ ଛନ୍ଦା ପାଇ ମେଳଣ ପଡ଼ିଆ ପ୍ରସ୍ଥାନ କରିବେ। କମିଶନରେଟ୍ ପୋଲିସ ପକ୍ଷରୁ ଚୌଦ୍ୱାର ଥାନା ଆଇଆଇସି ସମେତ ୩ଜଣ ଇନ୍ସପେକ୍ଟର ଓ ୩ ପ୍ଲାଟୁନ ପୋଲିସ ଫୋର୍ସ ସହ ୧୦ଜଣ ଅଫିସର ମେଳଣ ପରିଚାଳନା କରିବା ପାଇଁ ନିୟୋଜିତ ହୋଇଛନ୍ତି। ଶାଳଗାଁ, ପଣ୍ଡୁଆ, ଅଙ୍ଗଦରାଜିହ, ବଡତାଞ୍ଜୋରେ ମେଳଣ ଅନୁଷ୍ଠିତ ହୋଇଛି ।



## ସଂକ୍ଷେପରେ

### ଗଞ୍ଜେଇ ଚାଲାଣବେଳେ ୩ ମହିଳା ଗିରଫ

ଭୁବନେଶ୍ୱର,୨୫।୩(ବ୍ୟୁରୋ): କନ୍ଧମାଳରୁ ଭୁବନେଶ୍ୱର ଦେଇ କୋଲକାତାକୁ ଚାଲାଣ ହେଉଛି ଗଞ୍ଜେଇ। ଟ୍ରେନ୍‌ରେ ଯାଞ୍ଚ କଡ଼ାକଡ଼ି ହେବା ପରେ ଏବେ ବସ୍ ହିଁ ଏହି ଚୋରା ଡ୍ରଗ୍ସ କାରବାରର ମୁଖ୍ୟ ମାଧମ ପାଲଟିଛି। ପୁଣି ପୋଲିସ ନଜରରୁ ବର୍ତ୍ତିବା ପାଇଁ ଏହି ର୍‍ୟାକେଟରେ ମହିଳାଙ୍କୁ ସାମିଲ କରାଯାଉଛି। ଡ୍ରଗ୍ସ ମାଫିଆମାନେ ମହିଳାମାନଙ୍କୁ ବିଶେଷକରି ଚାଲାଣରେ ନିୟୋଜିତ କରୁଛନ୍ତି। କୋଲକାତାକୁ ଗଞ୍ଜେଇ ଚାଲାଣବେଳେ ଗୁରୁବାର ଭରତପୁର ଥାନା ପୋଲିସ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ୩ଜଣ ମହିଳାଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ବର୍ଦ୍ଧମାନର ଶ୍ରୀୟା ଶ୍ରୀ ଓ ଖାତୁନ ବିବି ଏବଂ କନ୍ଧମାଳ ଜିରିଙ୍ଗପଡ଼ାର ସରସ୍ୱତୀ ନାୟକ। ଏମାନଙ୍କ ନିକଟରୁ ୨ଟି ବସ୍ତାରେ ଥିବା ୩୦ କିଗ୍ରା ଗଞ୍ଜେଇ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।

### ୨୭ରେ ଭୁବନେଶ୍ୱର ବାର୍ ଓକିଲ ସଂଘ ନିର୍ବାଚନ

ପୁରୁଣା ଭୁବନେଶ୍ୱର,୨୫।୩(ଡି.ଏନ୍.ଏ.): କୋଭିଡ୍ କଟକଣା ଯୋଗୁ ୩ ମାସ ପାଇଁ ଭୁବନେଶ୍ୱର ବାର୍ ଓକିଲ ସଂଘ ନିର୍ବାଚନ ହୋଇଥିବା ବେଳେ ପୁନର୍ବାର ଆସନ୍ତା ୨୭ ତାରିଖରେ ୧ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ସଭାପତି ପଦ ପାଇଁ ମହମ୍ମଦ ଜିଆଉଲ ହକ୍, ନିରଞ୍ଜନ କାନୁନଗୋ, କିଶୋର କର ଓ ନିର୍ମଳ ରଥ ପ୍ରାର୍ଥୀ ହୋଇଛନ୍ତି। ସାଧାରଣ ସମ୍ପାଦକ ପଦ ପାଇଁ ରାଜକିଶୋର ଦାସ, ଦେବୀ ପ୍ରସାଦ ମିଶ୍ର, ଅକ୍ଷୟ ସାମନ୍ତରାୟ ଓ ଗୁଣ୍ଡିଚି ସାହୁ, ଯୁଗ୍ମ ସମ୍ପାଦକ ପଦ ପାଇଁ ଅଶୋକ ବଡ଼ପଣ୍ଡା, ସୁକାନ୍ତ ବେହେରା ଏବଂ ରାଜଲକ୍ଷ୍ମୀ ପ୍ରାର୍ଥୀ ହୋଇଛନ୍ତି। ବିଭିନ୍ନ ପଦବୀ ସହ ୮ଟି କାର୍ଯ୍ୟକାରୀ ସଦସ୍ୟଙ୍କ ପାଇଁ ୯ଜଣଙ୍କ ସହ ୨୬ଜଣ ଆଇନଜୀବୀ ପ୍ରଚାର ଆରମ୍ଭ କରିଛନ୍ତି। ଏମାନଙ୍କ ମଧ୍ୟରୁ ଦୁଇଜଣ ମହିଳା ଆଇନଜୀବୀ କାର୍ଯ୍ୟକାରୀ ସଦସ୍ୟାଭାବେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ଚଳିତବର୍ଷ 'ୱାନ ବାର୍ ୱାନ ଭୋଟ' ପାଇଁ ୨୮୦୦ ଆଇନଜୀବୀ ଭୋଟ ଦେବେ ବୋଲି ଜଣାପଡ଼ିଛି।

### ବିଶ୍ୱକଲ୍ୟାଣ ମହାଯଜ୍ଞ



ନିରାକାରପୁର,୨୫।୩(ଡି.ଏନ୍.ଏ.): ଜଙ୍କିଆ ପଞ୍ଚାୟତ ବାଲିଗାଡ଼ିଆ ଗ୍ରାମସ୍ଥିତ ଶ୍ରୀଲୋକନାଥ ଦେବଙ୍କ ପୀଠରେ ୩୩ତମ ବାହିଂକ ଅନନ୍ତ ବିଶ୍ୱକଲ୍ୟାଣ ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ମାନସିକଧାରୀ ଗୁରୁବାର ସ୍ଥାନୀୟ ମନ୍ଦାକିନୀ ନଦୀରୁ ଜଳ ଉଠାଇ କୋଭିଡ୍ କଟକଣା ଅନୁଯାୟୀ ଏକ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଆସନ୍ତା ରବିବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବ ବୋଲି ସୁନିଲ କୁମାର ନରେନ୍ଦ୍ରଙ୍କ ସମେତ ଯଜ୍ଞ କମିଟି ସଦସ୍ୟ ଜଣାଇଛନ୍ତି।

# ବିଲୁପ୍ତି ପଥେ ତାଳପତ୍ର ଜାତକ

ଖୋର୍ଦ୍ଧା ଅଫିସ,୨୫।୩



ଭାରତୀୟ ସଂସ୍କୃତି, ପରମ୍ପରାରେ ତାଳପତ୍ରର ବହୁଳ ବ୍ୟବହାର ରହିଛି। ପ୍ରାଚୀନ କାଳରୁ ସଂସ୍କୃତି, ଶାସ୍ତ୍ରୀୟ ମତ ବିଚାର, ଗ୍ରନ୍ଥ ଆଦି ତାଳପତ୍ରରେ ଲେଖାଯାଇଛି। ମୁନିଋଷିମାନେ ମଧ୍ୟ ତାଳପତ୍ର ଓ ଲେଖନୀକୁ ବ୍ୟବହାର କରି ରାମାୟଣ, ମହାଭାରତ, ପୁରାଣ, ଶାସ୍ତ୍ର ଆଦି ବହୁ ମୂଲ୍ୟବାନ୍ ଗ୍ରନ୍ଥ ରଚନା କରିଛନ୍ତି। ଭାରତର ବିଭିନ୍ନ ଗ୍ରନ୍ଥାଗାରରେ ତାଳପତ୍ରରେ ଖୋଦିତ ପୋଥି ସଂରକ୍ଷିତ ଅବସ୍ଥାରେ ରହିଛି। ପୁରୀର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୨୦୦ରୁ ଊର୍ଦ୍ଧ୍ୱ ତାଳପତ୍ର ପୋଥି ସଂରକ୍ଷିତ ଅବସ୍ଥାରେ ରହିଛି। ପୂର୍ବରୁ ଜାତକ ତାଳପତ୍ରରେ ଲେଖାଯାଉଥିବା ବେଳେ ଏବେ କମ୍ପ୍ୟୁଟରରେ କରାଯାଉଛି। ଫଳରେ ତାଳପତ୍ରର ଚାହିଦା ଦିନକୁଦିନ କମିବାରେ ଲାଗିଛି। କମ୍ପ୍ୟୁଟର ମାଧ୍ୟମରେ କମ୍ ସମୟରେ ଜାତକ ପ୍ରସ୍ତୁତ କରାଯାଉଛି। ପ୍ରାଚୀନ ସଂସ୍କୃତିର ବାର୍ତ୍ତା ବହନ କରି ଆସୁଥିବା ତାଳପତ୍ର ଜାତକ କ୍ରମଶଃ ବିଲୁପ୍ତି ହେବାକୁ ବସିଛି।

ପରିବାରରେ ଶିଶୁଟିଏ ଜନ୍ମ ହେଲେ ପ୍ରଥମେ ତା'ର ଜାତକ ପ୍ରସ୍ତୁତି ନିମନ୍ତେ ଜ୍ୟୋତିଷ ଖୋଜାପଡ଼ନ୍ତି। ତେବେ ସମୟ ବଦଳିଛି। ତାଳପତ୍ରର ସ୍ଥାନ କମ୍ପ୍ୟୁଟର ନେଇଛି। ତଥାପି ତାଳପତ୍ର ଜାତକର ଚାହିଦା କମିନି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଖୋର୍ଦ୍ଧା ଜିଲା ତଣ୍ଡାଳ ଗ୍ରାମରେ। ଗ୍ରାମର ଜ୍ୟୋତିଷ କୃଷ୍ଣ ଚନ୍ଦ୍ର ଗ୍ରହାଚାର୍ଯ୍ୟଙ୍କ ପାଖରେ ତାଳପତ୍ରରେ ଜାତକ ପ୍ରସ୍ତୁତି, ବିବାହ ପାଇଁ ଜାତକ ମିଳନ, ମାଙ୍ଗଳିକ କାର୍ଯ୍ୟର ଶୁଭଦିନ ପାଇଁ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୋକଙ୍କ ଗହଳି ଲାଗି ରହିଥାଏ। କମ୍ପ୍ୟୁଟରରେ ଜାତକ ପ୍ରସ୍ତୁତ କଲେ ମଧ୍ୟ ତାଳପତ୍ର ଜାତକ ପ୍ରସ୍ତୁତି ଲାଗି ଲୋକଙ୍କ ମଧ୍ୟରେ ଆଗ୍ରହ ରହିଛି। ତାଳପତ୍ରରେ ପ୍ରସ୍ତୁତ ଜାତକ ବହୁ ବର୍ଷ ଧରି ଅକ୍ଷୁଣ୍ଣ ଅବସ୍ଥାରେ ରହିଥାଏ ବୋଲି କୃଷ୍ଣଚନ୍ଦ୍ର କହିଛନ୍ତି। ସେହିପରି ଜ୍ୟୋତିର୍ବିଦ୍ ନିରଞ୍ଜନ ପଣ୍ଡା କହିଛନ୍ତି, ଜାତକରୁ ଜଣେ ବ୍ୟକ୍ତିଙ୍କ କ'ଣ ଗ୍ରହ ଦୋଷ ରହିଛି, ଗ୍ରହ ଚଳଣ ସ୍ଥିତି କିପରି ରହିଛି ; ତିଥି, ନକ୍ଷତ୍ର ଚଳଣକୁ ଦେଖି ତାଙ୍କ ଭବିଷ୍ୟତ ସମ୍ପର୍କରେ ଜାଣିହୁଏ। କାଗଜରେ ପ୍ରସ୍ତୁତ ଜାତକ ନଷ୍ଟ ହୋଇଯିବ। କିନ୍ତୁ ତାଳପତ୍ରରେ ପ୍ରସ୍ତୁତ ଜାତକ ବର୍ଷ ବର୍ଷ ଧରି ରହିବ। ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି, ଯେତେବେଳେ ଛାପା, କାଳି ନ ଥିଲା, ସେତେବେଳେ ତାଳପତ୍ରରେ ଲେଖନୀ ମୁନରେ ଖୋଦେଇ କରି ବହୁ ପ୍ରାଚୀନ ଗ୍ରନ୍ଥ, ଶାସ୍ତ୍ର ଲେଖାଯାଇଛି। ଭାରତୀୟ ସଂସ୍କୃତି ପରମ୍ପରା ସହିତ ତାଳପତ୍ରର ବ୍ୟବହାର ଜଡ଼ିତ ରହିଛି। ତାଳପତ୍ରରେ ଲେଖାଯାଇଥିବା ବହୁ ପ୍ରାଚୀନ ଗ୍ରନ୍ଥ ଶାସ୍ତ୍ର ଆଜି ମଧ୍ୟ ରହିଛି। ଏହାର ସଂରକ୍ଷଣ ଜରୁରୀ ବୋଲି ସେ କହିଛନ୍ତି। ବର୍ଷ ବର୍ଷର ବହୁ ପ୍ରାଚୀନ ପରମ୍ପରା ଆଧୁନିକତାର ବିଜ୍ଞାନ ଯୁଗରେ ହଜି ନ ଯାଉ ସେଥିଲାଗି ଚିନ୍ତା କରିବାର ସମୟ ଆସିଛି। ଗାଁ ଗାଁରେ ବହୁ ଭାଗବତ ଟୁଙ୍ଗିରେ ଏବେ ମଧ୍ୟ ତାଳପତ୍ରରେ ଖୋଦିତ ଭାଗବତ ପୋଥି ରହିଛି। ଏହାକୁ ପୂଜାର୍ଚ୍ଚନା କରାଯାଉଛି। ଏଥିରେ ବହୁ ମୂଲ୍ୟବାନ୍ ତଥ୍ୟ ଦିଆଯାଇଛି। ଏହାର ସଂରକ୍ଷଣ ପ୍ରତି ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମିଶ୍ର କହିଛନ୍ତି।

## ପଞ୍ଚୁପଲ୍ଲୀ ପଞ୍ଚଦୋଳ ଠାକୁରଙ୍କ ଭୋଗଖିଆ ଆରମ୍ଭ



ଜଟଣୀ,୨୫।୩(ଡି.ଏନ୍.ଏ.)

ଓଡ଼ିଆ ସଂସ୍କୃତିରେ ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଦୋଳପର୍ବ ଅନ୍ୟତମ। ଫଗୁ ଦଶମୀଠାରୁ ଆରମ୍ଭ ହୋଇଛି ଠାକୁରଙ୍କ ଚାଚେରି ଭୋଗଖିଆ ପର୍ବ। ଗୁରୁବାର ଅପରାହ୍ନରେ ପରମ୍ପରା ମୁତାବକ ସ୍ଥାନୀୟ ଜଗନ୍ନାଥପୁରସ୍ଥିତ କୃଷ୍ଣମୋହନ ରାଉତରାୟ ଏବଂ ମନମୋହନ ରାଉତରାୟଙ୍କ ବାସଭବନରେ ପ୍ରଥମ ପଞ୍ଚୁପଲ୍ଲୀ ପଞ୍ଚଦୋଳ ଚାଚେରି ଭୋଗ ଠାକୁରଙ୍କ ଠାରେ ଲାଗି କରାଯାଇଥିଲା। ପ୍ରକାଶ ଯେ, ୨୦୦ ବର୍ଷ ପୂର୍ବେ ଜଗନ୍ନାଥପୁର ନିବାସୀ ସ୍ୱର୍ଗତ ହରି ରାଉତରାୟ ଉକ୍ତ ସମୟରେ ୭ଟି ଗ୍ରାମର ଠାକୁରଙ୍କୁ ନେଇ ଚାଚେରି ଭୋଗଖିଆ ପର୍ବ ଆରମ୍ଭ କରିଥିଲେ। ଜଗନ୍ନାଥପୁର (ପତିତପାବନ ଦେବ), ବାଛରା (ବାଲୁଙ୍କେଶ୍ୱର ଦେବ), ବରପଦା (ତାଳେଶ୍ୱର ଦେବ), ହରିପୁର (ରାମେଶ୍ୱର ଦେବ), ଅରାଗଡ଼ (କୁନ୍ତେଶ୍ୱର ଦେବ) ଏବଂ ମାନପୁର, ଗୋପୀନାଥପୁର ଆଦି ଗ୍ରାମର ଠାକୁର ଏକତ୍ରିତ ହୋଇ ସୁସଜ୍ଜିତ ବିମାନରେ ଆଲଟ ଚାମର, ଘଣ୍ଟଘଣ୍ଟାରେ ଗ୍ରାମ ପରିକ୍ରମା କରି ଠାକୁରମାନେ ପୂଜା ପାଉଥିବା ଦୃଶ୍ୟ ଦେଖିବାକୁ ମିଳିଥାଏ।

# ଚିଲିକା: ୧୭ ହେକ୍ଟର ଚିଙ୍ଗୁଡ଼ି ଘେରି ଉଚ୍ଛେଦ



ପ୍ରଶାସନ ପକ୍ଷରୁ ଚିଲିକାରେ ଘେରି ଉଚ୍ଛେଦ କରାଯାଉଛି।

ବାଲୁଗାଁ,୨୫।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଅଧୀନ ଚିଲିକାର ହାଟବରଡ଼ିଠାରୁ ନଈରୀ ମଧ୍ୟରେ ବେଆଇନ ଭାବେ ଗଢ଼ି ଉଠିଥିବା ୧୭ ହେକ୍ଟର ପରିବ୍ୟାପ୍ତ ଚିଙ୍ଗୁଡ଼ି ଘେରିକୁ ଗୁରୁବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ପ୍ରଶାସନ ପକ୍ଷରୁ ଚିଲିକାରେ ବାରମ୍ବାର ଘେରି ଉଚ୍ଛେଦ କରାଯାଉଥିଲେ ମଧ୍ୟ କେତେଜଣ ବ୍ୟକ୍ତିଙ୍କ ଦ୍ୱାରା ଉକ୍ତ ସ୍ଥାନରେ ପୁନର୍ବାର ଘେରି କରାଯାଉଛି, ଯାହାକି ମତ୍ସ୍ୟଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଚିଲିକାକୁ ସମ୍ପୂର୍ଣ୍ଣ ଘେରିମୁକ୍ତ ନିମନ୍ତେ ପ୍ରଶାସନ ନିକଟରେ ଦାବି ହୋଇ ଆସୁଅଛି। କିଛି ଦିନ ପୂର୍ବେ ସିଡିଏ ପକ୍ଷରୁ ଚିଲିକାରେ କେଉଁ କେଉଁ ଅଞ୍ଚଳରେ ଘେରି ରହିଛି, ସାଟେଲାଇଟ ଦ୍ୱାରା ସ୍ଥାନ ନିରୂପଣ କରାଯାଇଥିଲା। ଗୁରୁବାର ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ ହୋଇଥିବା ହାଟବରଡ଼ିଠାରୁ ନଈରୀ ମଧ୍ୟରେ ଘେରିକୁ ଉଚ୍ଛେଦ କରାଯାଇଛି। ପାଣି ଭିତରେ ଜାଲ ଏବଂ ବାଉଁଶ ଲୁକ୍କାୟିତ ଭାବେ ରହିଥିବା ବେଳେ ପ୍ରଶାସନ ପକ୍ଷରୁ ୩ଟି ଡଙ୍ଗା ମାଧ୍ୟମରେ ଉକ୍ତ ଘେରିରେ ବ୍ୟବହୃତ ଜାଲ ବାଉଁଶକୁ ଜବତ କରାଯାଇଛି। ଖୋର୍ଦ୍ଧା ଉପଜିଲାପାଳ ଅଶୋକ କୁମାର ବେହୁରିଆଙ୍କ ତତ୍ତ୍ୱାବଧାନରେ ଚିଲିକା ତହସିଲଦାର ପୁନମ ମହାପାତ୍ର, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଏବଂ ଟାଙ୍ଗୀ ଥାନା ଆଇଆଇସି ସରୋଜ କୁମାର ଉପାଧ୍ୟାୟଙ୍କ ଉପସ୍ଥିତିରେ ଏହି ଘେରି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଉଚ୍ଛେଦ କାର୍ଯ୍ୟରେ ତହସିଲ, ମତ୍ସ୍ୟ ବିଭାଗ, ସିଡିଏ କର୍ମଚାରୀଙ୍କ ସମେତ ୨୨ଜଣ ଶ୍ରମିକ ସାମିଲ ଥିଲେ। ଶାନ୍ତିଶୃଙ୍ଖଳା ପାଇଁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଚିଲିକାର ଅନ୍ୟାନ୍ୟ ସ୍ଥାନରେ ଗଢ଼ି ଉଠିଥିବା ବେଆଇନ ଘେରିକୁ ଚିହ୍ନଟ କରାଯାଇ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବେଗୁନିଆ,୨୫।୩(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମସ୍ଥିତ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ୪ଦିନ ଧରି ଚାଲିଥିବା ୯ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଯଜ୍ଞରେ ପ୍ରଥମେ ଶିବାର୍ଚ୍ଚନା ଓ ନଗରକୀର୍ତ୍ତନ କରାଯାଇଥିଲା। ଗ୍ରାମ ନିକଟସ୍ଥ ପୋଖରୀରୁ ବାହାରି ମହିଳା ପୁରୁଷମାନେ ୨୫ କଳସ ଜଳ ଶୋଭାଯାତ୍ରାରେ ଆସି ଗ୍ରାମ ପରିକ୍ରମା କରିଥିଲେ। ଯଜ୍ଞସ୍ଥଳରେ ବିଧି ମୁତାବକ ଘଟ ସ୍ଥାପନ କରାଯାଇଥିଲା। ଯଜ୍ଞକୁଣ୍ଡରେ ମୁଖ୍ୟ ପୁରୋଧାଭାବେ ବାଙ୍କନିଧି ଜେନା ଓ ତାଙ୍କ ସ୍ତ୍ରୀ ଝରଣା ଆହୁତି ପ୍ରଦାନ କରିଥିଲେ। ସୁବାସ ଚନ୍ଦ୍ର ପଟ୍ଟନାୟକ, ଅଭିମନ୍ୟୁ ବିଶ୍ୱାଳ, ନୀଳକଣ୍ଠ ରଣା, ରାଜକିଶୋର ବେହେରା, ସଚ୍ଚିଦାନନ୍ଦ ମହାପାତ୍ର, ଶତ୍ରୁଘ୍ନ ବେହେରା, ରାମଚନ୍ଦ୍ର ମିଶ୍ର, ମେଳଛ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାଯଜ୍ଞରେ ସ୍ଥାନୀୟ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## 'ଯକ୍ଷ୍ମା ହାରିବ, ଦେଶ ଜିତିବ'

ଖୋର୍ଦ୍ଧା ଅଫିସ,୨୫।୩

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ବିଶ୍ୱ ଯକ୍ଷ୍ମା ଦିବସ ଭର୍ଚୁଆଲ ମୋଡରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ ରହିଛି 'ଯକ୍ଷ୍ମା ହାରିବ, ଦେଶ ଜିତିବ'। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଶ୍ୱମୋହନ ପତି ଯକ୍ଷ୍ମାଯୋଗର ନିରାକରଣ ଓ ପ୍ରତିଷେଧକ ଉପରେ ଆଲୋକପାତ କରିଥିଲେ। ଠିକ୍ ସମୟରେ ଯକ୍ଷ୍ମାରୋଗୀଙ୍କ ଉପଯୁକ୍ତ ଚିକିତ୍ସା କରାଗଲେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିବେ ବୋଲି ସେ କହିଥିଲେ। ଯକ୍ଷ୍ମା ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ କହିଥିଲେ। ଯକ୍ଷ୍ମା ରୋଗର ଚିକିତ୍ସା ସମସ୍ତ ଡାକ୍ତରଖାନାରେ ଉପଲବ୍ଧ ରହିଛି। ଏହି ବୈଠକରେ ଏଡିଏମ୍‌ଓ(ଏଫ୍‌ଡବ୍ଲ୍ୟୁ) ଡା. ଦ୍ୱାରିକାନାଥ ଶତପଥୀ, ଡିପିଏଚ୍‌ଓ ଡା. ପ୍ରଶାନ୍ତ ଦାସ, ଡିପିଏମ୍ ଗୀତାଞ୍ଜଳି ଦାଶ, ଜିଲା ଯକ୍ଷ୍ମା ଅଧିକାରୀ ସୁବ୍ରତ କୁମାର ତ୍ରିପାଠୀ, ଡା. ଇନ୍ଦିରା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଖୋର୍ଦ୍ଧା ସବଜେଲ ପରିସରରେ ଯକ୍ଷ୍ମାରୋଗ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହାକୁ ଜିଲା ଯକ୍ଷ୍ମା ସଂଯୋଜକ ଉମାକାନ୍ତ ପଣ୍ଡା, ମନୋରଞ୍ଜନ ପାତ୍ର, ଦେବାଶିଷ ପ୍ରଧାନ, ମହାଦେବ ପାଢୀ ପ୍ରମୁଖ ପରିଚାଳନା କରିଥିଲେ।

## ଅଗ୍ନିକାଣ୍ଡ ରୋକିବା ନେଇ ରେଲ୍‌ୱେର ସଚେତନତା

ଜଟଣୀ, ୨୫।୩(ଡି.ଏନ୍.ଏ)

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ଟ୍ରେନ୍ ଓ ରେଳଷ୍ଟେଶନ ପରିସରରେ ଅଗ୍ନିକାଣ୍ଡ ରୋକିବା ଉଦ୍ଦେଶ୍ୟରେ ୧୫ଦିନିଆ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଟ୍ରେନ୍‌ରେ ଯାତ୍ରୀ ଧୂମପାନ ଓ ବିଭିନ୍ନ ଜ୍ୱଳନ ପଦାର୍ଥ ବ୍ୟବହାର କରୁଥିବାରୁ ଅନେକ ସମୟରେ ଟ୍ରେନ୍ ଏବଂ ଷ୍ଟେଶନରେ ଅଗ୍ନିକାଣ୍ଡ ଘଟି ଧନଜୀବନହାନି ହେଉଥିବାର ନଜିର ରହିଛି। ଏହାକୁ ଦୃଷ୍ଟିରେ ରଖି ଟ୍ରେନ୍ ଯାତ୍ରୀ, ରେଳଷ୍ଟେଶନ ପରିସରରେ କାର୍ଯ୍ୟ କରୁଥିବା ରେଲୱେ କର୍ମଚାରୀ, ଅଣରେଲୱେ କର୍ମଚାରୀ, ପାର୍ଶଲ ଏବଂ କ୍ୟାଟରିଂ କର୍ମଚାରୀଙ୍କୁ ନେଇ ଉକ୍ତ ସଚେତନତା କାର୍ଯ୍ୟକ୍ରମ ହେଉଛି। ଷ୍ଟେଶନ ପରିସର, ଟ୍ରେନ୍ ଓ ପାର୍ଶଲ ଗାଡ଼ି ଇତ୍ୟାଦିରେ ଧୂମପାନ ନିଷେଧ କରିବା ସହ କୌଣସି ଜ୍ୱଳନ ପଦାର୍ଥ ଟ୍ରେନ୍‌ରେ ପରିବହନ କରାଯାଇପାରିବ ନାହିଁ ବୋଲି କୁହାଯାଇଛି। ନିୟମ ଉଲ୍ଲଂଘନକାରୀଙ୍କୁ ରେଲୱେ ଆକ୍ଟ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ରେଳ ପ୍ରଶାସନ ପକ୍ଷରୁ କୁହାଯାଇଛି। ଟ୍ରେନ୍ ଓ ଷ୍ଟେଶନ ପରିସରରେ ଅଗ୍ନିକାଣ୍ଡ ରୋକିବାରେ ରେଲୱେକୁ ସହଯୋଗ କରିବା ପାଇଁ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପ୍ରବନ୍ଧକ ଶଶିକାନ୍ତ ସିଂ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

## ସାମାଜିକ କର୍ମୀଙ୍କ ପରଲୋକ

ନିରାକାରପୁର,୨୫।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ବାଲିଗାଡ଼ିଆ ଗ୍ରାମର ସାମାଜିକ କର୍ମୀ ତଥା ସରପଞ୍ଚଙ୍କ ଭାଇ ସୌମେନ୍ଦ୍ର ସାମନ୍ତରାୟଙ୍କ ଗୁରୁବାର ସକାଳେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୪୭ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସହଯୋଗ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସେ ଜଣେ ସକ୍ରିୟ ସଭ୍ୟ ଥିଲେ। ବିଭିନ୍ନ ମଞ୍ଚରେ ନିଜର କଳାକୁ ପ୍ରଦର୍ଶନ କରି ଦର୍ଶକଙ୍କୁ ଆକୃଷ୍ଟ କରିଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ସୌରଗ ସାମନ୍ତରାୟ ମୁଖାଗ୍ନି ଦେଇଥିଲେ।

## ବାପା ମା'ଙ୍କ ସେବାଶ୍ରମ ଉଦ୍‌ଘାଟିତ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତି।

ଜଟଣୀ,୨୫।୩(ଡି.ଏନ୍.ଏ.)

ସାମାଜିକ କର୍ମୀ ଗୌତମ ମହାରଣାଙ୍କ ଉଦ୍ୟମରେ ତିରିମଲ ରାଣୀପୁର ଗ୍ରାମରେ ହୋଇଥିବା ବାପା ମା'ଙ୍କ ସେବାଶ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ୫୦ଶଯ୍ୟା ବିଶିଷ୍ଟ ସେବାଶ୍ରମ ହୋଇଥିବା ବେଳେ ସରକାରୀ ସହାୟତା ମିଳିଲେ ବହୁ ଅସହାୟ ଉପକୃତ ହୋଇପାରିବେ ବୋଲି କହିଥିଲେ। ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ନେତ୍ରୀ ରଶ୍ମିମୟୀ ପଟ୍ଟନାୟକ, ଶ୍ରୀଚରଣ ମହାନ୍ତି, ଶରଣାରବିନ୍ଦ ଓଝା, ଜ୍ୟୋତିର୍ମୟୀ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୧୦୦ଜଣ ବ୍ୟକ୍ତି ବିଶେଷଙ୍କୁ ସେମାନଙ୍କ ମନରେ ସେବା ମନୋବୃତ୍ତି ଜାଗ୍ରତ କରିବା ପାଇଁ ସମ୍ମାନିତ କରାଯାଇଥିଲା। ଉକ୍ତ ଉତ୍ସବରେ ହାଡ଼ିବନ୍ଧୁ ମହାରଣା, ବାସୁଦେବ ସେଠୀ, ଜହିବୁର ରେହେମାନ, ଅନାଥ ପଟ୍ଟନାୟକ, ନାରାୟଣ ମହାରଣା, ହେମନ୍ତ ମହାରଣା, ରାଜେନ୍ଦ୍ର ପ୍ରସାଦ ମହାରଣା, ବିଜୟ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ୫ ବର୍ଷରେ ଧରାପଡ଼ିଛନ୍ତି ୨୦ କର୍ମଚାରୀ

### ଭିଜିଲାନ୍ସ ଚଢ଼ାଉ

ବେଗୁନିଆ,୨୫।୩(ଡି.ଏନ୍.ଏ.)

ସରକାରୀ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ ଏବଂ କାନ୍ଥରେ ଲାଞ୍ଚ ନେବା ଓ ଦେବା ଗ୍ରହଣୀୟ ନୁହେଁ ବୋଲି ଉଲ୍ଲେଖ ରହିଛି। ମାତ୍ର ଏହି ସଚେତନତା ବାର୍ତ୍ତାକୁ କାର୍ଯ୍ୟକାରୀ କରାଯାଉନାହିଁ। ଜନସାଧାରଣ ଏବଂ କର୍ମଚାରୀଙ୍କ ମଧ୍ୟରେ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଏହି ଲାଞ୍ଚ କାରବାର ହେଉଛି। ଏହି ଲାଞ୍ଚ କାରବାରରେ ଖୋର୍ଦ୍ଧା ଜିଲାର ବେଗୁନିଆ ବ୍ଲକ ଚର୍ଚ୍ଚାରେ ରହିଛି। ଗତ ୫ବର୍ଷ ମଧ୍ୟରେ ଏହି ବ୍ଲକ ଅଞ୍ଚଳର ୨୦ଜଣ ସରକାରୀ କର୍ମଚାରୀ ଲାଞ୍ଚ କାରବାରରେ ଧରାପଡ଼ି ଜେଲ ଯିବା ସହ ଜରିମାନା ଦେଇଥିବା ଜଣାପଡ଼ିଛି।

ସୂଚନାଥାଉ କି, ୨୦୨୧ ମାର୍ଚ୍ଚରେ ୨ ସରକାରୀ କର୍ମଚାରୀ, ୨୦୨୦ରେ ୨ଜଣ, ୨୦୧୯ରେ ୮ଜଣ, ୨୦୧୮ରେ ୫ଜଣ ଏବଂ ୨୦୧୭ରେ ୩ଜଣଙ୍କୁ ମିଶାଇ ମୋଟ୍ ୨୦ଜଣ ଧରାପଡ଼ିଛନ୍ତି। ଏମାନଙ୍କ ମଧ୍ୟରେ ଶିକ୍ଷା ବିଭାଗରୁ ୨ଜଣ, ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ବିଭିନ୍ନ ଉନ୍ନୟନ ବିଭାଗର ୭ଜଣ, ରାଜସ୍ୱ ବିଭାଗର ୬ଜଣ ଏବଂ ପୋଲିସ ବିଭାଗର ୪ଜଣ ଲିପ୍ତ ରହିଛନ୍ତି। ଏମାନେ କାହାର ଜମି ଦାଖଲ-ଖାରଜ ମାମଲାର ତଦନ୍ତ ରିପୋର୍ଟ ପାଇଁ ତ ଆଉ କାହାର ଡିମାରକେଶନ ଏବଂ ଅବରୋଧ କେସର ଫୈସଲା ପାଇଁ ୧ ରୁ ୫ହଜାର ଟଙ୍କା ଲାଞ୍ଚ ନେଉଥଲେ। ସେହିପରି ଥାନାରେ ହୋଇଥିବା କେତେକ ମାମଲାର ଦଫା କୋହଳ ଓ ରଫାଦଫା କରିବା ପାଇଁ ୨ରୁ ୫ହଜାର ଟଙ୍କା ନେଉଥିଲେ। ନିର୍ମାଣାଧୀନ ରାସ୍ତାର ବିଲ୍ ପାସ, ଇନ୍ଦିରା ଆବାସ ଯୋଜନାରେ ସାମିଲ କରିଦେବା ଏବଂ ଘର ନ କରି ବିଲ୍ ପାସ କରାଇଦେବା ପାଇଁ ୧୦ରୁ ୨୦ହଜାର ଟଙ୍କା ଲାଞ୍ଚ ନେଇଛନ୍ତି। ସମ୍ପୃକ୍ତ କର୍ମଚାରୀମାନେ ଚାକିରିକୁ ବିପଦରେ ପକାଇ ଅଧିକ ଅର୍ଥ ଲାଳସାରେ ଛନ୍ଦି ହୋଇପଡୁଛନ୍ତି ବୋଲି ବରିଷ୍ଠ ନାଗରିକ ଅକ୍ଷୟ ରଥ କହିଛନ୍ତି। ଅନ୍ୟପଟେ ବ୍ଲକରେ ଲାଞ୍ଚ କାରବାର କରୁଥିବା କର୍ମଚାରୀ ଓ ସାଧାରଣ ଲୋକଙ୍କ ଅଭ୍ୟାସରେ ପରିଣତ ହୋଇଗଲାଣି ବୋଲି ଜନକଲ୍ୟାଣ ପ୍ରତିଷ୍ଠାନର ଉପଦେଷ୍ଟା ଭିକାରୀ ସାହୁ କହିଛନ୍ତି।

# ପୋତି ହେଲାଣି ଡ୍ରେନ୍, ହଟାଯାଉନି ଅଳିଆ

ଜଟଣୀ, ୨୫।୩(ଡି.ଏନ୍.ଏ)

- ସଙ୍କୀର୍ଣ୍ଣ ରାସ୍ତା, ପାର୍କିଂ ସମସ୍ୟା ବଢ଼ାଇଛି ଚିନ୍ତା
- ଦୁର୍ଦ୍ଦଶା ଭୋଗୁଛନ୍ତି ଜଟଣୀ ପୌରାଞ୍ଚଳବାସୀ



ସଫା ହୋଇ ନ ଥିବା ଡ୍ରେନ୍, ରାସ୍ତାରେ ପଡ଼ିରହିଥିବା ଅଳିଆ।

ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ମାଧ୍ୟମରେ ଜଟଣୀ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏପରି କି, ଏଥିପାଇଁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ବାସ୍ତବରେ ଚିତ୍ର ସମ୍ପୂର୍ଣ୍ଣ ଅଲଗା ଯୋଗୁ ପୌରାଞ୍ଚଳବାସୀ ସୁଫଳ ପାଇପାରୁନାହାନ୍ତି। ଜଟଣୀ ପୌରାଞ୍ଚଳ ଅଧୀନ ରାଜାବଜାର (ସୀତାରାମ କଲୋନୀ) ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅପରିଷ୍କାର ଡ୍ରେନ୍, ସଂକୀର୍ଣ୍ଣ ରାସ୍ତା ଓ ପାର୍କିଂ ସମସ୍ୟା ଯୋଗୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ମୁତାବକ, ଦୀର୍ଘବର୍ଷ ଧରି ସାହିବସ୍ତିରେ ଥିବା ଡ୍ରେନ୍‌ଗୁଡ଼ିକ ସଫା କି ମରାମତି ହୋଇନାହିଁ। ଫଳରେ ଡ୍ରେନ୍‌ଗୁଡ଼ିକରେ ବାଲି, ଗୋଡ଼ି, ଜରି ପ୍ରଭୃତି ଅଳିଆ ଆବର୍ଜନା ପଡ଼ିରହି ପୋତି ହୋଇ ଗଲାଣି। ମଇଳା ପାଣି ନିଷ୍କାସନ ହୋଇ ନ ପାରି ଉଦ୍‌ବୃତ୍ତ ହୋଇ ଘରେ ପଶୁଛି। ଫଳରେ ଲୋକେ ହଇରାଣ ହେଉଛନ୍ତି। ୱାର୍ଡ ନମ୍ବର-୪ ରାଜାବଜାର ସୀତାରାମ କଲୋନୀ ରାସ୍ତାରେ କୁଢ଼କୁଢ଼ ଅଳିଆ ଆବର୍ଜନା ପଡ଼ିରହିଥିଲେ ବି ପୌର ପ୍ରଶାସନ ପକ୍ଷରୁ ତାହାକୁ ହଟାଯାଉନାହିଁ। ଏଥିଯୋଗୁ ଦୁର୍ଗନ୍ଧ ହେବା ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଜଟଣୀ ପୌରାଞ୍ଚଳର ପ୍ରାୟ ସବୁ ୱାର୍ଡରେ ଏଭଳି ଚିତ୍ର ଦେଖିବାକୁ ମିଳୁଛି। କେବଳ ମୁଖ୍ୟ ସ୍ଥାନଗୁଡ଼ିକରୁ ଅଳିଆ ଆବର୍ଜନା ସଫା କରାଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅନେକ ସମୟରେ ମୁକୁଳା ଓ ଭଙ୍ଗା ଡ୍ରେନ୍‌ରେ ଗୋରୁଙ୍କ ସହିତ ଲୋକେ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି। ଏହାସତ୍ତ୍ୱେ ଡ୍ରେନ୍‌ଗୁଡ଼ିକୁ ମରାମତି କରାଯାଉନାହିଁ।

ପୌରପରିଷଦ ପକ୍ଷରୁ ୨୦୦ରୁ ଊର୍ଦ୍ଧ୍ୱ ସ୍ଥାୟୀ ଓ ଅସ୍ଥାୟୀ ସଫେଇ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ପ୍ରତି ୱାର୍ଡରେ ସଫେଇ କାର୍ଯ୍ୟ ତଦାରଖ କରିବା ଲାଗି ୱାର୍ଡ ଅଫିସର, ସାନିଟାରୀ କର୍ମଚାରୀଙ୍କ ସହିତ ସ୍ୱଚ୍ଛସାଥୀ ନିୟୋଜିତ ହୋଇଛନ୍ତି। ଏହାସତ୍ତ୍ୱେ ବିଭିନ୍ନ ୱାର୍ଡରେ କୁଢକୁଢ ଆବର୍ଜନା ପଡ଼ିରହିବା ଜଟଣୀ ପୌରପରିଷଦର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୪ନମ୍ବର ୱାର୍ଡର ମୁଖ୍ୟ ଡ୍ରେନ୍ ବେଙ୍ଗଲୀ କ୍ଲବ୍‌ଠାରୁ ଆରମ୍ଭ ହୋଇ ସୀତାରାମ କଲୋନୀ ଓ ରାଜାବଜାର ଦେଇ ମାଛ ମାର୍କେଟସ୍ଥ ରେଲୱେ ଡ୍ରେନ୍‌ରେ ମିଶିଛି। ତେବେ ଉକ୍ତ ମୁଖ୍ୟ ଡ୍ରେନ୍ ନିର୍ମାଣ ପରଠୁ ଆଉ ମରାମତି ହୋଇ ନ ଥିବା ୱାର୍ଡବାସିନ୍ଦା କହିଛନ୍ତି। ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଡ୍ରେନ୍ ଭାଙ୍ଗିଯାଇ ପୋତି ହୋଇଗଲାଣି। ବିଭିନ୍ନ ସାହିବସ୍ତିର ରାସ୍ତାରେ ଖାଲଖମା ହୋଇଛି। ପାନୀୟଜଳ ସମସ୍ୟା ମଧ୍ୟ ଲାଗିରହିଛି। ସୀତାରାମ କଲୋନୀରେ ସର୍ବସାଧାରଣ ଜମି ଜବରଦଖଲ ଯୋଗୁ ଶୌଚାଳୟ ହୋଇପାରୁନାହିଁ। ଜଟଣୀ ଯୁବ ଫେଡେରେଶନର ସଭାପତି ପ୍ରଶାନ୍ତ ପାଇକରାୟ କହିଛନ୍ତି, ପୌରପ୍ରଶାସନ ବିଭିନ୍ନ ଟିକସ ଆକାରରେ ରାଜସ୍ୱ ଆଦାୟ କରୁଥିଲେ ମଧ୍ୟ ମୌଳିକ ସେବା ଯୋଗାଇ ପାରୁନାହିଁ। ପ୍ରତ୍ୟେକ ୱାର୍ଡରେ ଖାଲଖମା ରାସ୍ତା, ଅପରିଷ୍କାର ପରିବେଶ ଓ ଭଙ୍ଗାଦଦରା ଡ୍ରେନ୍ ଦେଖିବାକୁ ମିଳୁଛି। ସୀତାରାମ କଲୋନୀ ଦେଇଯାଇଥିବା ମୁଖ୍ୟ ଡ୍ରେନ୍ ପ୍ରାୟ ୩୦ବର୍ଷ ହେବ ମରାମତି ହୋଇନାହିଁ। ପ୍ରଶାସନିକ ଅବହେଳା ପାଇଁ ଲୋକେ ସମସ୍ୟା ଭୋଗୁଛନ୍ତି। ତେବେ ଏନେଇ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତିଙ୍କୁ ପଚାରିବାରେ କହିଛନ୍ତି, କର୍ମଚାରୀଙ୍କୁ ପଠାଇ ଅଭିଯୋଗ ଆସୁଥିବା ସ୍ଥାନ ତଦାରଖ କରାଯାଇ କାମ କରାଯିବ।